## ସହରରେ କର୍ଫ୍ୟୁ

# ବିଭିନ୍ନ ବର୍ଗର ଲୋକଙ୍କ ଜୀବନଯାତ୍ରା ବାଧାପ୍ରାପ୍ତ

ବାଲେଶ୍ୱର, ୧୯।୬(ସମିସ):

ଗତ ସାଧାରଣ ନିର୍ବାଚନ ପରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅହେତୁକ ମୂଲ୍ୟ ବୃଦ୍ଧି ପାଇବାକୁ ନେଇ ସାଧାରଣ ଲୋକେ ଘୋର ଅସନ୍ତୋଷ ଥିଲାବେଳେ ଗୋଷ୍ଠୀ ସଂଘର୍ଷକୁ କେନ୍ଦ୍ରକରି ଗତ ମଙ୍ଗଳବାର ଓ ବୁଧବାର ଦିନ ପ୍ରଶାସନ ପକ୍ଷରୁ ବାଲେଶ୍ୱର ପୌରାଞ୍ଚଳରେ କର୍ଫ୍ୟୁ ଲାଗୁ କରାଯିବା ସହିତ ଇଣ୍ଟରନେଟ ସେବା ବନ୍ଦ କରି ଦିଆଯାଇଛି। ଫଳରେ ପୌରାଞ୍ଚଳରେ ବସବାସ କରୁଥିବା ବିଭିନ୍ନ ବର୍ଗର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଇ ହଇରାଣ ହରକତ ହେଉଥିବା ଦେଖାଯାଇଛି। ଗତ ସୋମବାର ରାତିରେ ପୌରପାଳିକା ଅନ୍ତର୍ଗତ ପାତ୍ରପଡ଼ାଠାରେ ଉକ୍ତ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ପୁଲିସ ପକ୍ଷରୁ ଘଟଣା ସ୍ଥଳରେ ତତକ୍ଷଣାତ ୧୪୪ ଧାରା ଲାଗୁ କରାଯାଇ ଥିଲା। ମାତ୍ର ସେହି ସୋମବାର ବିଳମ୍ବିତ ରାତିରେ ସୁଏଲପୁର ଠାରେ ପୁଣି ଗୋଷ୍ଠୀ ସଂଘର୍ଷ ହେବା ଯୋଗୁଁ ପ୍ରଶାସନ ପକ୍ଷରୁ ୪୮ ଘଣ୍ଟା ପାଇଁ ସମଗ୍ର ପୌରାଞ୍ଚଳରେ କର୍ଫ୍ୟୁ ଲାଗୁ କରାଯିବା ସହିତ ଇଣ୍ଟରନେଟ ସେବା ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଥିଲା। ତେବେ ପ୍ରଶାସନର ଏଭଳି ହଠାତ ପଦକ୍ଷେପ ନିଆଯିବା ଫଳରେ ପୌରାଞ୍ଚଳରେ ବସବାସ କରୁଥିବା ସାଧାରଣ ଲୋକଙ୍କ ସ୍ୱାଭାବିକ ଜୀବନଯାତ୍ରାରେ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବିଶେଷକରି ହଠାତ ସହର




ବନ୍ଦ ହୋଇଯିବା ଯୋଗୁ ଏହାର ପ୍ରଭାବରେ ପୌରାଞ୍ଚଳରେ ବସବାସ କରୁଥିବା ବିଭିନ୍ନ ବର୍ଗର ଲୋକମାନେ କ୍ଷତିଗ୍ରସ୍ତ ହେବା ସହିତ ଘୋର ଅସୁବିଧାର ସମ୍ମୁଖୀନ ହୋଇ ହଇରାଣ ହରକତ ହେଉଛନ୍ତି। ଗତ ଦୁଇଦିନ ଧରି କୌଣସି କାର୍ଯ୍ୟରେ ଗ୍ରାମାଞ୍ଚଳରୁ ସହରକୁ ଆସିଥିବା ଲୋକମାନେ ଦୋକାନ ବଜାର ବନ୍ଦ ଥିବା ଯୋଗୁ ଖାଇବାକୁ ପାଇ ନାହାନ୍ତି। ବସ୍ତା ଥାନା ଦରଡା ପଞ୍ଚାୟତ ପଳାସିଆ ଗ୍ରାମର ଚାରୁଚନ୍ଦ୍ର ସାମଲ ଗତ ମଙ୍ଗଳବାର ଦିନ ନିଜର କୌଣସି ବ୍ୟକ୍ତିଗତ କାର୍ଯ୍ୟରେ ବାଲେଶ୍ୱର ସହରକୁ ଆସିଥିଲେ। ସହରରେ ଦୋକାନ ବଜାର ବନ୍ଦ ଥିବା ଯୋଗୁଁ ସେ ଖାଇବାକୁ ପାଇନଥିଲେ। ସନ୍ଧ୍ୟାରେ ଘରେ ଯାଇ ଖାଇଥିଲେ ବୋଲି ଶ୍ରୀ ସାମଲ କହିଛନ୍ତି। ଏହାବାଦ ସହରର ଆଖପାଖ ଗ୍ରାମାଞ୍ଚଳର ପରିବା ଚାଷୀ ମାନଙ୍କ ଠାରୁ ଦୈନଦିନ ପରିବା କିଣି ଆଣି ବାଲେଶ୍ୱର ସହରରେ ବିକ୍ରି କରୁଥିବା ପଥପ୍ରାନ୍ତ ବ୍ୟବସାୟୀ ମାନେ ହଠାତ କର୍ଫ୍ୟୁ ଲାଗୁ ହେଇ ସହର ବନ୍ଦ ରହିବା ଯୋଗୁଁ ଆର୍ଥିକ କ୍ଷତିରେ ପଡ଼ିଛନ୍ତି। ରେମୁଣା ଅଞ୍ଚଳର ପରିବା ଚାଷୀଙ୍କ ଠାରୁ ଦୈନଦିନ ପରିବା ଆଣି ସହରରେ ବିକ୍ରି କରୁଥିବା ସୁକାନ୍ତ ନାୟକ କୁହନ୍ତି, ମଙ୍ଗଳବାର ଦିନ ସକାଳେ ସେ ପାଞ୍ଚ ହଜାର ଟଙ୍କା ମୂଲ୍ୟର ପରିବା ବାଡ଼ିଆ ମାନଙ୍କ ଠାରୁ କିଣି ଆଣି ସହରରେ ପହଞ୍ଚି ଜାଣିଲେ ଯେ କର୍ଫ୍ୟୁ ଜାରି ହେଇଛି। ହତାଶ ହେଇ ପରିବା ଗୁଡିକୁ ଘରକୁ ଫେରି ନେଇ ଯାଇଥିଲେ। ଦୁଇଦିନ ଘରେ ରହିବା ଫଳରେ ପରିବା ଗୁଡିକ ପଚି ନଷ୍ଟ ହେଇଯାଇଛି। ପୁଣି ନୂଆବଜାର ଓ ମୋତିଗଞ୍ଜ ବଜାରରର ପରିବା ଗୋଦାମରେ ଗଛିତ ଥିବା ଲକ୍ଷାଧିକ ଟଙ୍କାର ପରିବା ଓ ଫଳ ପଚି ନଷ୍ଟ ହେବାକୁ ବସିଛି। ଦୈନଦିନ ନୂଆବଜାର, ଅଡରବଜାର, ମୋତିଗଞ୍ଜ, ଆଇଟିଆଇ ଛକ ପ୍ରଭୃତିର ମାଛ ବଜାର ଗୁଡିକରେ ମାଛ ବିକ୍ରିକରି ପରିବାର ଚଳାଉ ଥିବା ବ୍ୟବସାୟୀ ମାନେ ଅଧିକ କ୍ଷତିରେ ପଡ଼ିଛନ୍ତି। ମଙ୍ଗଳବାର ଦିନ ବଡ଼ି ଭୋର ମୁହାଣରୁ ମାଛ ନେଇ ସହରରେ ପହଞ୍ଚିଲା ବେଳକୁ କର୍ଫ୍ୟୁ ଲାଗୁ ହେଇଥିବା ଜାଣିଥିଲେ। ସହରରେ ବିକ୍ରିକରି ନ ପାରି ଘରକୁ ନେଇ ବରଫ ଭିତରେ ମାଛ ରଖିଥିଲେ। ଦୁଇଦିନଧରି ରହିବା ଭିତରେ ମାଛ ପଚି ଗଲାଣି ବୋଲି ଅଡରବଜାରର ମାଛ ବ୍ୟବସାୟୀ ହରିହର ବେହେରା କହିଛନ୍ତି। ଏତଦବ୍ୟତୀତ ଦୁଇଦିନ ଧରି ସହରରେ କର୍ଫ୍ୟୁ ଜାରି ରହିବା ଯୋଗୁ ଦିନ ମଜୁରିଆ ଲୋକ ମାନଙ୍କ ଦୈନିକ ରୋଜଗାର ଠପ ହେଇଯାଇଛି। ଇଣ୍ଟରନେଟ ସେବା ବନ୍ଦ କରି ଦିଆଯିବା ଫଳରେ ବ୍ୟାଙ୍କ ଓ ଏଟିଏମ ସେବା ଲୋକ ମାନଙ୍କୁ ଯୋଗାଇ ପାରୁ ନ ଥିବା ଅଭିଯୋଗ ହେଉଛି। ବ୍ୟାଙ୍କରେ ଟଙ୍କା ନେଣଦେଣ ହେଉ ନ ଥିଲାବେଳେ ଏଟିଏମରେ ଟଙ୍କା ମିଳୁନାହିଁ। ଏହିଭଳି ସହରରେ ବସବାସ କରୁଥିବା ବିଭିନ୍ନ ବର୍ଗର ଲୋକ ମାନେ ଅସୁବିଧାର ସମ୍ମୁଖୀନ ହେବା ସହିତ ସେମାନଙ୍କ ସ୍ୱାଭାବିକ ଜୀବନଯାତ୍ରା ବାଧାପ୍ରାପ୍ତ ହେଇଛି।

## ଘୁଞ୍ଚିଲା ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର

ବାଲେଶ୍ୱର, ୧୯।୬(ସମିସ): ବାଲେଶ୍ୱରରେ କର୍ଫ୍ୟୁ ଲାଗୁ ହୋଇଥିବା କାରଣରୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବାଲେଶ୍ୱରୀ ଜଉ କଣ୍ଢେଇ ବାହାଘର ଘୁଞ୍ଚିଛି। କୂଳ ପୁରୋହିତ ବିମଳ ପଣ୍ଡା ଓ ରମାକାନ୍ତ ତ୍ରିପାଠୀ ବିଧି ମୁତାବକ ପୂଜାର୍ଚ୍ଚନା କରି ଜୁନ ୨୧ ତାରିଖକୁ ଶୁଭ ବାହାଘର ଲଗ୍ନ ସ୍ଥିର କରିଥିଲେ। ତେବେ ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ଜଉକଣ୍ଢେଇ ଉତ୍ସବ କମିଟି ପକ୍ଷରୁ ବାହାଘର ସ୍ଥଗିତ ରଖାଯାଇଛି। କମିଟିର ଆଗାମୀ ନିଷ୍ପତ୍ତି ପରେ ବାହାଘର ତାରିଖ ଘୋଷଣା ହେବ ବୋଲି ସୂଚନା ମିଳିଛି। ଉଲ୍ଲେଖନୀୟ ଯେ, ଏ ବର୍ଷ ଓଡ଼ିଆ କଥା ସାହିତ୍ୟର ଜନକ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରସିଦ୍ଧ ଗଳ୍ପ ପେଟେଣ୍ଟ ମେଡିସିନର ନାୟକ ଚନ୍ଦ୍ରମଣି ଓ ନାୟିକା ସୁଲୋଚନା ବର କନ୍ୟା ଭାବରେ ନିର୍ବାଚିତ ହୋଇଛନ୍ତି।

## ରେମୁଣା ସାହିତ୍ୟ ସଂସଦରେ ବିଶ୍ୱ ପିତୃ ଦିବସ ପାଳିତ

ବାଲେଶ୍ୱର, ୧୯।୬ (ସମିସ): ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ପିତୃ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶିକ୍ଷାବିତ ଡ. ଭାଗବତ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କବି ନିରଞ୍ଜନ ସାହୁ, ମୁଖ୍ୟବକ୍ତା ଡ. ରତ୍ନାକର ସିଂହ, ବରେଣ୍ୟ ଅତିଥି ଯୋଗେଶ ଚନ୍ଦ୍ର ବେହେରା, ଗର୍ଗପଦ ପଣ୍ଡା, ଭଗୀରଥ ମହାନ୍ତି, ଚକ୍ରଧର ଦାସ, ବୃନ୍ଦାବନ ବେହେରା ପ୍ରମୁଖ ଯୋଗଦେଇ ପିତୃ ଦିବସର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରି ପିତାମାତାଙ୍କ ପ୍ରତି ଯତ୍ନଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରମେଶ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ। ସଭା ପ୍ରାରମ୍ଭରେ କବି ପ୍ରଭାକର ସାହୁ ଓ ଅଜିତ ପଣ୍ଡାଙ୍କ ସଂଯୋଜନାରେ ପିତା ଉପରେ ଆଧାରିତ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ତପନ କୁମାର ଦାସ, ପଦ୍ମଲୋଚନ ପ୍ରଧାନ, ମିନତୀ ଦାସ, ସନ୍ତୋଷ ଦାସ, ପ୍ରଭାକର ଦାଶ, ଅଜୟ ନାୟକ, ସତ୍ୟନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ବର୍ଷିୟାନ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ମହାପାତ୍ର ଓ କରୁଣାକର ଖଟୁଆଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ପିତୃ ପୂଜନ କରାଯାଇଥିଲା।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍



ବାଲେଶ୍ୱର, ୧୯।୬ (ସମିସ) : ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ପରିଚାଳନା କରିଥିଲେ। ଉକ୍ତ ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ, ଅଗ୍ନିଶମ ଏବଂ ଓଡ୍ରାଫ ର ଅଧିକାରୀ ଉପସ୍ଥିତ ରହି ବନ୍ୟା ଏବଂ ବାତ୍ୟା ସମୟର ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପୂର୍ବ ଏବଂ ପର ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ ଓ ତତ୍‌ସହିତ ଶ୍ରୀ ବେହେରା ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ କି ଆଜି ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ ସ୍ତରରେ (ରେମୁଣା ଓ ସଦର ବ୍ୟତୀତ) ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ଲକସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ମକ୍ ଏକ୍ସରସାଇଜ୍ ଆୟୋଜିତ ହୋଇଯାଇଛି।



କର୍ଫ୍ୟୁ ଯୋଗୁଁ ବାଲେଶ୍ୱର ସହର ରାସ୍ତାଘାଟ ଖାଁ ଖାଁ

## ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ

ବାଲେଶ୍ୱର, ୧୯।୬ (ସମିସ) : ବିଶ୍ୱ ରକ୍ତ ଶିକୁଳି ଦିବସ ଉପଲକ୍ଷେ ଆଜି ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏହି ସଭାରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର କୁମାର ରାଉତ, ରେମୁଣା ଏନଏସି ଅଧକ୍ଷା ତନୁଜା ଗିରି, ରେମୁଣା ଏନଏସି ଉପାଧକ୍ଷ ଏହସାନ ଖାଁ, ବାଲେଶ୍ୱର ସଦର ବିଧାୟକଙ୍କ ପ୍ରତିନିଧି ଧୀରଜ କୁମାର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ଦୁଲାଲସେନ ଜଗଦ୍ଦେବ, ଡିପିଏଚଓ, ଡା. ମୃତ୍ୟୁଞ୍ଜୟ ମିଶ୍ର, ଡିଡବ୍ଲୁଓ ବିଦ୍ୟୁତଲତା ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଏବଂ ଅନ୍ୟାନ୍ୟ ଅତିଥିମାନେ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ସିଡିଏମଓ ଡ. ଜଗଦ୍ଦେବ ଏହି ବଂଶାନୁକ୍ରମିକ ରକ୍ତ ବିକୃତି ବିଷୟରେ ଜନସାଧାରଣଙ୍କୁ ଶିକ୍ଷିତ କରିବା ଏବଂ ରୋଗୀମାନଙ୍କ ପାଇଁ ଶୀଘ୍ର ନିଦାନ ଏବଂ ବ୍ୟାପକ ଯତ୍ନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଷଡ଼ଙ୍ଗୀ ସମଗ୍ର ଜିଲ୍ଲାରେ ସିକଲସେଲ ରୋଗ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ସିକଲସେଲ ରୋଗର ପ୍ରଭାବୀ ସମାଧାନ ପାଇଁ ସରକାର, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସମୁଦାୟକୁ ସାମିଲ କରି ଏକ ବହୁ-ଅଂଶଧାରୀ ଆଭିମୁଖ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଶ୍ରୀ ଷଡ଼ଙ୍ଗୀ।




ଏହି ସଚେତନତା ଅଭିଯାନ ଅନ୍ତର୍ଗତ ସିକଲସେଲ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ବିକଳ୍ପ ସମ୍ପର୍କରେ ସୂଚନାତ୍ମକ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା ଓ ଏଥିସହିତ ସିକେଲସେଲ ପରୀକ୍ଷାରେ ନେଗେଟିଭ ରିପୋର୍ଟ ହାସଲ କରିଥିବା ୧୦ ଜଣ ହିତାଧିକାରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ସୂଚନା ଥାଉ କି, ସିକଲସେଲ ରୋଗର ପ୍ରଭାବ ଓ ଏହାର ନିରାକରଣ ଉପାୟ ଉପରେ ଆଲୋକପାତ କରିବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇଥାଏ। ଆଜିଠାରୁ ରାଜ୍ୟର ୨୧ଟି ଜିଲ୍ଲାରେ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ ସିକଲସେଲ ରୋଗ ଏବଂ ଏହାର ନିରାକରଣ ଉପରେ ସ୍କ୍ରିନିଙ୍ଗ, ଟେଷ୍ଟିଂ ଏବଂ ଶିକ୍ଷା ପ୍ରଦାନ କରାଯିବ। ଡିପିଏମ ଅନିଲ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ।

## ସହରରେ ଭାଇଚାରା, ଶାନ୍ତି ଓ ସଦ୍‌ଭାବନା ଫେରାଇ ଆଣିବାକୁ ନିବେଦନ

ବାଲେଶ୍ୱର, ୧୯।୬(ସମିସ): ରାଜ୍ୟରେ ବିଭିନ୍ନ ରାଜନୈତିକ ଦଳର ଯଥା କଂଗ୍ରେସର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ସିପିଏମର ରାଜ୍ୟ ସମ୍ପାଦକ ଅଳିକଶୋର ପଟ୍ଟନାୟକ, ସିପିଏମ ନେତା ଜନାର୍ଦ୍ଦନ ପତି, ସିପିଆଇ(ଏମଏଲ)ର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଆରଜେଡି ରାଜ୍ୟ ସଭାପତି ହରିଶ ମହାପାତ୍ର, ସିପିଆଇର ରାଜ୍ୟ ସମ୍ପାଦକ ଅଭୟ ସାହୁ, ଆପର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ସମାଜବାଦୀ ପାର୍ଟିର ସଭାପତି ରବି ବେହେରା, ଫରୱାର୍ଡ ବ୍ଲକର ସାଧାରଣ ସମ୍ପାଦକ ଜ୍ୟୋତି ପ୍ରକାଶ ମହାପାତ୍ର, ଏନସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ବାଲେଶ୍ୱର କଂଗ୍ରେସର ବିକାଶ ଦାସ ପ୍ରମୁଖ ନେତୃବୃନ୍ଦ ବାଲେଶ୍ୱର ସହରରେ ଘଟିଥିବା ଗୋଷ୍ଠୀ ସଂଘର୍ଷକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହ ସହରରେ ଶାନ୍ତି ବଜାୟ ରଖିବାକୁ ସମସ୍ତଙ୍କୁ ନିବେଦନ କରାଯାଇଛି ବୋଲି ଏକ ପ୍ରେସ ବିବୃତ୍ତିରେ କୁହାଯାଇଛି। ସେମାନେ କହିଛନ୍ତି ଯେ, ସାଂସଦ ଓ ବିଧାୟକ ରାତି ୨ଟାରେ ଟାଉନ ଥାନାରେ ବସି ଜିଲ୍ଲାପାଳ, ଏସ୍‌ପି ଓ ଅନ୍ୟ ପୁଲିସ ଅଧିକାରୀମାନଙ୍କ ସହ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ସମୀକ୍ଷା କରିବା ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ଅସହାୟତାକୁ ପଦାରେ ପକାଇଛି।

# ନଗର ଓ ପଞ୍ଚାୟତ ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟା

ବାଲେଶ୍ୱର, ୧୯।୬(ସମିସ):

ଆଗକୁ ଆସୁଛି ବର୍ଷା ଦିନ। ଏହି ବର୍ଷା ଦିନ ଆସିଲେ ବାଲେଶ୍ୱର ସହରରେ ତଳିଆ ଅଞ୍ଚଳଠୁ ଆରମ୍ଭ କରି ମୁଖ୍ୟ ରାସ୍ତା, ଡ୍ରେନ୍ ଆଦି ପାଣିରେ ଭରି ରହେ। ପାଣି ନିଷ୍କାସନ ପାଇଁ ନାକେଦମ ହୁଏ ଜିଲ୍ଲା ପ୍ରଶାସନ ତଥା ପୌରପାଳିକା। ଏହି ପାଣି ନିଷ୍କାସନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଗାଁ ଗାଁ ରେ ବି ଏହି ପାଣି ନିଷ୍କାସନ ସମସ୍ୟା ଏବେ ଦେଖାଦେଉଛି। ଅସରାଏ ବର୍ଷା ହେବା ମାତ୍ରେ କଂକ୍ରିଟ ରାସ୍ତା ଉପରେ କୃତ୍ରିମ ପୋଖରୀ ସୃଷ୍ଟି ହେଉଛି। ପାଣି ବାହାରିବା ପାଇଁ ନା ଡ୍ରେନ୍ ଅଛି ନା ଅନ୍ୟ କିଛି ବିକଳ୍ପ ବ୍ୟବସ୍ଥା ଅଛି। ଯାହାକୁ ନେଇ ନଗର ତଥା ଗ୍ରାମବାସୀ ଚିନ୍ତାରେ ରହିଛନ୍ତି। ସହରର ପାଖାପାଖି ପଞ୍ଚାୟତ ଅଞ୍ଚଳରେ ଥିବା ଗାଁ ଅବା ନଗରରେ ଏବେ ଦିନକୁ ଦିନ ଘର ସଂଖ୍ୟା ବୃଦ୍ଧି ପାଇବାରେ ଲାଗୁଛି। ହେଲେ କେହି ବି ନିୟମ ଅନୁସାରେ ଘର ନିର୍ମାଣ ବେଳେ ରାସ୍ତା କିମ୍ବା ଡ୍ରେନ୍ ପାଇଁ ଜାଗା ଛାଡୁନାହାନ୍ତି। ଫଳରେ ପଞ୍ଚାୟତ ଅଞ୍ଚଳରେ ନୂଆ ରାସ୍ତା ନିର୍ମାଣ ବେଳେ ସମସ୍ୟା



● ଅସରାଏ ବର୍ଷାରେ ବେହାଲ ହେଉଛି ସ୍ଥିତି

ଉପୁଜୁ ଥିବାବେଳେ ଡ୍ରେନ୍ ପାଇଁ ଜାଗା ହିଁ ରହୁନାହିଁ। ବର୍ଷା ସମୟରେ କଂକ୍ରିଟ ରାସ୍ତା ଉପରେ ପାଣି ଛିଡ଼ା ହେଉଛି। କରଞ୍ଜିଆ, ଗେଙ୍ଗୁଟି ଆଦି ପଞ୍ଚାୟତରେ ପାଣି ନିଷ୍କାସନ ସମସ୍ୟା ମୁଣ୍ଡ ଟେକିଛି। ସୂଚନାଯୋଗ୍ୟ, ବର୍ଷା ଆସିଲେ ସହର ପରି ଗାଁରେ ମଧ୍ୟ ପାଣି ନିଷ୍କାସନ ସମସ୍ୟା ଦେଖାଦେଉଛି। ଫଳରେ ଅଳ୍ପ ବର୍ଷା ହେଲେ ବି ଯାତାୟାତ ରାସ୍ତାରେ ଆଣ୍ଠୁଏ ପାଣି ଛିଡ଼ା ହେଉଛି। ଆଇଟିଆଇ ଛକ ନିକଟ କରଞ୍ଜିଆ ପଞ୍ଚାୟତର ଫକୀରମୋହନ ନଗରକୁ ଯାଇଛି ଏକ କଂକ୍ରିଟ ରାସ୍ତା। ଏବେ ବର୍ଷା ହେଲେ ସେହି କଂକ୍ରିଟ ରାସ୍ତାରେ ଆଣ୍ଠୁଏ ପାଣି ଛିଡ଼ା ହେଉଛି। ଏହି ରାସ୍ତା ନଗର ଭିତରକୁ ଯିବାର ପ୍ରବେଶ ପଥ। ଡ୍ରେନ୍ ସଫେଇ ଏବଂ ପାଣି ନିଷ୍କାସନର ରାସ୍ତା ନ ଥିବା ହେତୁ ଏପରି ସମସ୍ୟା ଏବେ ମୁଣ୍ଡ ଟେକିଲାଣି। ସେହିପରି ଗେଙ୍ଗୁଟି ପଞ୍ଚାୟତରେ ମଧ୍ୟ ସମାନ ପରିସ୍ଥିତି। ଉକ୍ତ ପଞ୍ଚାୟତର ଜମ୍ବେଶ୍ୱରପୁର ଗ୍ରାମର ହରିଜନ ବସ୍ତିରେ ନାଳ ମରାମତି ଏବଂ ସଫା ଅଭାବରୁ ବର୍ଷା ସମୟରେ ପାଣି ଭର୍ତ୍ତି ହୋଇଯାଉଛି। ଆଉ ଅଧିକ ବର୍ଷା ହେଲେ ବସ୍ତି ପାଇଁ ଏହା ବିପଦ ସାଜୁଛି। ଉକ୍ତ ଅଞ୍ଚଳରେ ଥିବା ମହାନାଳ ସଫେଇ ହେଉନଥିବା ସ୍ଥାନୀୟ ବାସୀ ଅଭିଯୋଗ କରିଛନ୍ତି। ଏହି ମହାନାଳରେ ଦୁଇ ତିନୋଟି ଗାଁର ପାଣି ଯାଏ। ଜମ୍ବେଶ୍ୱରପୁର, ବସନ୍ତପୁର, ପଳାସପୁର, ଗେଙ୍ଗୁଟି ଆଦି ଚାଷ ଜମିର ପାଣି ନିଷ୍କାସନ ହୁଏ। ବର୍ଷା ଜୋର୍ ହେଲେ ତଳ ଅଞ୍ଚଳର ଘରକୁ ପାଣି ପଶେ। ଏହାଦ୍ୱାରା କୃତ୍ରିମ ବନ୍ୟା ମଧ୍ୟ ହୁଏ। ଏ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ଉଦାସୀନ। ଏ ନାଳଟି ଡାକ୍ତର ପରମାନନ୍ଦ ସେଠୀଙ୍କ ଘର ଠାରୁ କାଳିକୁମର ଠାକୁରାଣୀ କଡ ଦେଇ ଗାଁର ପଶ୍ଚିମପଟ ଚାଷ ଜମିଦେଇ ମାଳ ନଈରେ ମିଶିଛି। ବର୍ଷା ସମୟ ଆସିବା ପୂର୍ବରୁ ମହାନାଳ ପରିଷ୍କାର ଓ ଖନନ ଆବଶ୍ୟକ ରହିଛି ବୋଲି ସ୍ଥାନୀୟବାସୀ ଦାବି କରିଛନ୍ତି। କାରଣ ମହାନାଳର କିଛି ଅଂଶ ପୋତି ହୋଇଗଲାଣି। ପାଞ୍ଚ ବର୍ଷ ତଳେ ଏହି ମହାନାଳ ସଫେଇ ହୋଇଥିଲା। ଏଥର ଯଦି ସଫେଇ ନ ହୁଏ ତେବେ ଏସନ ତଳ ବସ୍ତି, ହରିଜନ ଓ ଆଦିବାସୀଙ୍କ ଘରେ ପାଣି ନିଶ୍ଚିତ ପଶିବ। ଏ ବର୍ଷ ଜିଲ୍ଲାପାଳଙ୍କୁ ସାମାଜିକ କର୍ମୀ ମୋନାଲିସା ସେଠୀ ଜଣାଇବା ଫଳରେ ଡାକ୍ତର ପରମାନନ୍ଦ ସେଠୀଙ୍କ ଘରଠାରୁ କିଶୋର ବେହେରା ଘର ଯାଏଁ ଯେନତେନ ପ୍ରକାରର ନାଳ କରିଛନ୍ତି। ହେଲେ ତାହା ମଧ୍ୟ ସମ୍ପୂର୍ଣ୍ଣ ହୋଇନଥିବାରୁ ବର୍ଷାବେଳେ ସମସ୍ୟା ସୃଷ୍ଟି ହେବାର ସ୍ଥାନୀୟବାସୀ ଆଶଙ୍କା କରିଛନ୍ତି।



# ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍





**ବାଲେଶ୍ୱର(ଉତ୍ତର), ୧୯।୬(ସମିସ):**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ରେ ଥିବା ବିଭିନ୍ନ ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀ ଗୁଡ଼ିକରେ ଆଜି ବିପର୍ଯ୍ୟୟ ପରିଚାଳନା ଓ ପୂର୍ବ ପ୍ରସ୍ତୁତି ସମ୍ପର୍କିତ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି ରୋକିବା ତଥା ଧନ ଜୀବନ ସୁରକ୍ଷା ପାଇଁ ସମୁଦ୍ର ଉପକୂଳବର୍ତ୍ତୀ ଜିଲ୍ଲା ତଥା ବନ୍ୟା ପ୍ରବଣ ଜିଲ୍ଲା ଗୁଡ଼ିକରେ ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ହୋଇଛି। ବିପର୍ଯ୍ୟୟ ପରିଚାଳନା ତଥା ଏହାକୁ ମୁକାବିଲା କରିବା ପାଇଁ ପୂର୍ବପ୍ରସ୍ତୁତି ପାଇଁ ସମସ୍ତ ଆଶ୍ରୟ ସ୍ଥଳୀ ସ୍ତରରେ ସ୍ୱେଚ୍ଛାସେବୀ ମାନଙ୍କୁ ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ସାଧାରଣତଃ ଜୁନ ମାସ ୧୫ତାରିଖରୁ ଅକ୍ଟୋବର ମାସ ମାସ ପର୍ଯ୍ୟନ୍ତ ବିପର୍ଯ୍ୟୟ ଋତୁ ଭାବେ ବିଚାର କରାଯାଉ ଥିବାରୁ ରାଜ୍ୟର ସମସ୍ତ ଆଶ୍ରୟ ସ୍ଥଳୀ ଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବା ତଥା ଏହାର ସୁପରିଚାଳନା କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୧୯ ତାରିଖରେ ଆଶ୍ରୟ ସ୍ଥଳ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ତଥା ଟାସ୍କ ଫୋର୍ସ ର ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ସାମୁହିକ ଅଭ୍ୟାସ ହୋଇଥାଏ। ଏହି କ୍ରମରେ ଚଳିତ ବର୍ଷ ଭୋଗରାଇ ବ୍ଲକରେ ଥିବା ୨୨ଟି ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀ ସହିତ ୪ ରେଡ଼କ୍ରସ ଆଶ୍ରୟ ସ୍ଥଳୀ ରେ ଆଜି ମୋକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହାବାଜିପୁର, ଉଦୟପୁର, ହାସିନପୁର(ତାଳସାରି), କୃଷ୍ଣନଗର, ବିଚିତ୍ରପୁର, କାଁଥିଭଉଁରୀ, କୀର୍ତ୍ତନିଆ, କୁମ୍ଭୀରଗଡ଼ି, ଫୁଲବଣି, ଜୟରାମପୁର, ଭୋଗରାଇ, ଜାଳପାହି, ଚେଁଗ୍ରାମାରି, ଜଳେଶ୍ୱରପୁର, ମନୁନଗର, ନାଚିନ୍ଦା, ପୁଟିଣା, ମହାଗବ, ନୀଳପୁରା ଇତ୍ୟାଦି ଆଶ୍ରୟ ସ୍ଥଳିରେ ଟାସ୍କ ଫୋର୍ସ ସଦସ୍ୟା ସଦସ୍ୟା ମାନେ ବିପର୍ଯ୍ୟୟ ପୂର୍ବସୂଚନା ପାଇ କିଭଳି ସୂଚନାକୁ ପ୍ରସାରଣ କରିବା, ଅନୁସନ୍ଧାନ, ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ଏବଂ ଆଶ୍ରୟ ସ୍ଥଳୀ ପରିଚାଳନା ଇତ୍ୟାଦିକୁ ଅଭ୍ୟାସ ପ୍ରଦର୍ଶନ କରିଥିଲେ। ଅଗ୍ନିଶମ ବାହିନୀ ପକ୍ଷରୁ ଅଗ୍ନିଶମ ଅଧିକାରୀ ପଞ୍ଚାନନ ସୋରେନଙ୍କ ନେତୃତ୍ୱରେ ଏକ ଟିମ ମହାଗବ ବନ୍ୟା ଆଶ୍ରୟ ସ୍ଥଳୀ ରେ ମୋକ ଡ୍ରିଲ ପ୍ରଦର୍ଶନ କରିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଉମାକାନ୍ତ ପରିଡ଼ା, ତହସିଲଦାର ହିମାଂଶୁ ଶେଖର ଗିରି, ନୋଡାଲ ଅଫିସର ମଙ୍ଗଳ ମାଳତୀ ମୁର୍ମୁ, ଏବିଡିଓ ମନ୍ମଥ କୁମାର ମହାନ୍ତି ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ ମାନେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟକ୍ରମ କୁ ପର୍ଯ୍ୟବେକ୍ଷଣ କରିଥିଲେ।ନୋଡାଲ ଏନ ଜି ଓ 'ସିଡା' ପକ୍ଷରୁ ସମ୍ପାଦକ ବିଶ୍ୱମ୍ବର ଦାସ, ସହ ସମ୍ପାଦକ ଅଞ୍ଜନ କୁମାର ଚାନ୍ଦଙ୍କ ସହିତ ସ୍ୱେଚ୍ଛାସେବୀ ମାନେ ମୋକ ଡ୍ରିଲ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ।

# ନୀଳଗିରିରେ ଟିଭିଏସ୍‌ର ନୂଆ ଶୋ'ରୁମ




**ନୀଳଗିରି, ୧୯।୬(ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ସହର କଦମସାହିଠାରେ ନୂତନ କରି ବାଇକ କମ୍ପାନୀ ଟିଭିଏସ୍‌ର ଏକ ଶୋରୁମର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଭୂଖଣ୍ଡର ସିଟି ଏବଂ ଜିଏସ୍‌ଟି ଯୁଗ୍ମ ଆୟୁକ୍ତ (ଜଏଣ୍ଟ କମିଶନର) କରୁଣାକର ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ଫିତାକାଟି ଶୋରୁମର ଶୁଭାରମ୍ଭ କରିଥିଲେ। ଏଥିସହ ଶୋରୁମ ମାଲିକ ଦିବ୍ୟ ପ୍ରିୟଦର୍ଶନୀ ସିଂହ, ସତ୍ୟରଞ୍ଜନ ପୁଥାଳ, ଟିଭିଏସ୍ କମ୍ପାନୀର ଏରିଆ ସେଲ୍ସ ମ୍ୟାନେଜର ଦୀପକ କୁମାର ମହାପାତ୍ର, ଟେରିଟୋରୀ ମ୍ୟାନେଜର ଶ୍ରୀ ଚନ୍ଦ୍ର ମୋହନ, ଉକ୍ତ କମ୍ପାନୀର ଜଳେଶ୍ୱରର ଅଧିକୃତ ବିକ୍ରେତା ଗଫର୍ ଅଲି ଖାଁ, ଏରିଆ ସର୍ଭିସ ମ୍ୟାନେଜର ଶୁଭଦୀପ ଗାଙ୍ଗୁଲି, ଟେରିଟୋରୀ ସର୍ଭିସ ମ୍ୟାନେଜର ପ୍ରତାବ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ସଚେତନତା ଶିବିର



**ଜଳେଶ୍ୱର ବ୍ଲକ, ୧୯।୬ (ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଜମାଲପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିସରରେ ବୁଧବାର ସକାଳ ୯ ଘଟିକାରେ ବିଶ୍ୱ ସିକିଲସେଲ ଦିବସର ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମ ଜମାଲପୁର ଡାକ୍ତର ପ୍ରଦୀପ କୁମାର ଦତ୍ତଙ୍କ ପରିଚାଳନାରେ ରାୟାଁରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଶୁଭସ୍ମିତା ଦାସ ଅତିଥି ଭାବେ ଯୋଗଦେଇ ସଭାପତିତ୍ୱ କରିବା ସହ ରକ୍ତହୀନତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଜମାଲପୁର ଡାକ୍ତର ମହଦ ଲତିଫ, ୱାର୍ଡ଼ ସଭ୍ୟ କମଳ କୁମାର ପରିଡ଼ା, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ଅଙ୍ଗନବାଡ଼ି କର୍ମୀ ସବିତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିବା ବେଳେ ଫାର୍ମାସିଷ୍ଟ ଅର୍ଜୁନ ଚରଣ ହାଁସଦା, ଏଲ.ଆଇ. ଭବ ଶଙ୍କର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ଶିବିରରେ ୪୮ ଜଣ ଲୋକ ଉପସ୍ଥିତ ଥିଲେ।

# ବସ୍ତାର ପ୍ରଥମ ମହିଳା ବିଧାୟିକା ଭାବେ ଶପଥ ନେଲେ ସୁବାସିନୀ

**ବାଲିଆପାଳ, ୧୯।୬ (ସମିସ):** ବସ୍ତା ଓ ବାଲିଆପାଳବାସୀଙ୍କ ଆଶୀର୍ବାଦ ଲାଭ କଲା ପରେ ପୁରୀ ଶ୍ରୀମନ୍ଦିରରେ ପତିତପାବନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଦର୍ଶନ ଲାଭ କରି ବସ୍ତା ନିର୍ବାଚନ ମଣ୍ଡଳୀର ପ୍ରଥମ ମହିଳା ବିଧାୟିକା ଭାବେ ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ନାରୀନେତ୍ରୀ ତଥା ମହିଳା ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ବାଲିଆପାଳ ମାଟିର ଝିଅ ଓ ବସ୍ତାର ବୋହୂ ସୁବାସିନୀ ଜେନା ମଙ୍ଗଳବାର ବିଧାନସଭାରେ ଶପଥ ପାଠ କରିଛନ୍ତି। ଜନସାଧାରଣଙ୍କ ସେବା କରିବା ପାଇଁ ସପ୍ତଦଶ ବିଧାନସଭାରେ ବସ୍ତା ନିର୍ବାଚନ ମଣ୍ଡଳୀର ପ୍ରଥମ ମହିଳା ବିଧାୟିକା ସୁବାସିନୀ ଜେନାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ ପ୍ରୋ-ଟେମ ସ୍ପିକର ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ବସ୍ତା ନିର୍ବାଚନ ମଣ୍ଡଳୀ ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତ ଏବଂ ବସ୍ତା ବ୍ଲକର ୧୭ଟି ପଞ୍ଚାୟତକୁ ନେଇ ଗଠିତ। ଏଥର ନିର୍ବାଚନରେ ବାଲେଶ୍ୱରର



ପୂର୍ବତନ ସାଂସଦ ଙ୍କ ରବୀନ୍ଦ୍ର କୁମାର ଜେନାଙ୍କ ଧର୍ମପତ୍ନୀ ସୁବାସିନୀ ଜେନାଙ୍କୁ ବିଜୁ ଜନତା ଦଳ ପ୍ରାର୍ଥୀ କରିଥିଲା। ନିର୍ବାଚନରେ ପ୍ରଥମ ଥର ପାଇଁ ଅବତୀର୍ଣ୍ଣ ହୋଇ ବିପୁଳ ବିଜୟୀ ହୋଇ ସୁବାସିନୀ ଜେନା ଜିଲ୍ଲାରେ ଚତୁର୍ଥ ମହିଳା ବିଧାୟିକା ଭାବେ ବିଧାନସଭାକୁ ନିର୍ବାଚିତ ହୋଇ ଗୌରବ ଅର୍ଜନ କରିବା ସହ ବସ୍ତାର ପ୍ରଥମ ମହିଳା ବିଧାୟିକା ଭାବେ ଇତିହାସ ସୃଷ୍ଟି କରିଛନ୍ତି। ବସ୍ତା ବିଧାୟିକା ସୁବାସିନୀ ଜେନା ବିଧାୟିକା ଭାବରେ ଶପଥ ନେବା ପରେ ସେବା କରିବାର ସୁଯୋଗ ଏବଂ ଆଶୀର୍ବାଦ ଦେଇଥିବାରୁ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସମେତ ବସ୍ତା ନିର୍ବାଚନ ମଣ୍ଡଳୀର ବସ୍ତା ଏବଂ ବାଲିଆପାଳ ବ୍ଲକର ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ବସ୍ତା ବିଧାୟିକା ସୁବାସିନୀ ଜେନା ବସ୍ତା ଏବଂ ବାଲିଆପାଳର ସର୍ବାଙ୍ଗୀନ ବିକାଶର ମଙ୍ଗ ଧରିବେ ବୋଲି ଦଳୀୟ କର୍ମୀମାନେ କହିଛନ୍ତି।

# ଚୋରି ଘଟଣାରେ ତିନି ଜଣଙ୍କୁ ଗିରଫ କଲା ଦିଲ୍ଲୀ ପୁଲିସ

**ସୋର, ୧୯।୬ (ସମିସ):** ଦିଲ୍ଲୀରୁ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଓ ନଗଦ ଟଙ୍କା ଚୋରି ଅଭିଯୋଗରେ ସୋରରୁ ୩ଜଣଙ୍କୁ ଗିରଫ କରିଛି ଦିଲ୍ଲୀ ପୁଲିସ। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସୋର ଥାନା ମଙ୍ଗଳପୁର ଅଞ୍ଚଳର ମଦନ ମୋହନ ଦାସ ଦିଲ୍ଲୀ ଫ୍ରେଣ୍ଡସ କଲୋନୀର ସିଦ୍ଧାର୍ଥ ଗୌତମ ମହାନ୍ତି ନାମକ ଜଣେ ସାମ୍ବାଦିକଙ୍କ ଘରେ କାମ କରୁଥିଲେ। ଗତ ମେ ମାସ ୨୯ ତାରିଖରେ ଘରେ କେହି ନଥିବାର ସୁଯୋଗ ନେଇ ମଦନ ତାଙ୍କ ଘରୁ ଏକ କୋଟିରୁ ଉର୍ଦ୍ଧ୍ୱର୍ ଟଙ୍କାର ଗହଣା ଓ ନଗଦ ଟଙ୍କା ନେଇ ଫେରାର ହୋଇଯାଇଥିଲା। ଏ ବାବଦରେ ଗୌତମ ନିୟୁ ଫ୍ରେଣ୍ଡସ କଲୋନୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୩୩/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତ ଜଣଙ୍କ ସୋର ଅଞ୍ଚଳର ହୋଇଥିବା ଜାଣିବା ପରେ ପୁଲିସର ଏକ ଟିମ୍ ସୋରରେ ପହଞ୍ଚିଥିଲେ। ୧୫ ଦିନରୁ ଉର୍ଦ୍ଧ୍ୱ ସୋରରେ ରହି ସୋର ପୁଲିସ ସହାୟତାରେ ମଦନ ସମେତ ତାଙ୍କର ଅନ୍ୟ ଦୁଇଜଣ ସହଯୋଗୀ ପ୍ରଫୁଲ୍ଲ ଦାସ ଓ ଅରୁଣ ଦାସଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ନଗଦ ୪ ଲକ୍ଷ ଟଙ୍କା ଓ ୭୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ଜବତ କରିଥିଲେ। ଦିଲ୍ଲୀ ପୁଲିସ ଏହି ଘଟଣାରେ ପୂର୍ବରୁ ଦୁଇ ଜଣଙ୍କୁ ଦିଲ୍ଲୀ ନେଇଯାଇଥିବାବେଳେ ଆଜି ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରି ଦିଲ୍ଲୀ ନେଇଯାଇଥିବା ଜଣାପଡ଼ିଛି।




# ଏସ୍‌ଏଚ୍‌ଜି ମହିଳାଙ୍କଠାରୁ ୫ ଲକ୍ଷ ଟଙ୍କା ଲୁଟ୍



**ଚୌକି, ୧୯।୬ (ସମିସ):** ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ପିଏଚଡି ଅଫିସ ମୁଖ୍ୟ ରାସ୍ତାରୁ ମହିଳାଙ୍କ ଠାରୁ ୫ ଲକ୍ଷ ଟଙ୍କା ଲୁଟିନେଲେ ୨ ଦୁର୍ବୃତ୍ତ। ବୁଧବାର ଦିନ ୨ଟା ୩୦ରେ ଭୋଗରାଇ ବ୍ଲକ ଅଧୀନ ଗୋପୀନାଥ ପୁର ପଞ୍ଚାୟତର ସେହି ଗ୍ରାମର ରାଧାଗୋବିନ୍ଦ ସ୍ୱୟଂ ସ୍ୱାହାୟିକା ଗୋଷ୍ଠୀର ସଭାନେତ୍ରୀ ପାର୍ବତୀ ବିଶ୍ୱାଳ ଏବଂ ସମ୍ପାଦିକା ବାସନ୍ତୀ ବିଶ୍ୱାଳ ଦେହୁର୍ଦ୍ଦା ୟୁକୋ ବ୍ୟାଙ୍କରୁ ଗ୍ରୁପ ଲୋନ ବାବଦରେ ୫ଲକ୍ଷ ଟଙ୍କା ଉଠାଇଥିଲେ। ଏହି ଟଙ୍କାକୁ ଏକ ବ୍ୟାଗରେ ରଖି ଉଭୟ ନିଜ ସମ୍ପର୍କୀୟଙ୍କ ମଟର ସାଇକେଲ ଯୋଗେ ଘରକୁ ଯାଉଥିବା ବେଳେ ବ୍ୟାଙ୍କଠାରୁ ୨ ଶହ ମିଟର ଓ ଭୋଗରାଇ ଥାନା ଠାରୁ ୫ ଶହ ମିଟର ଦୂରରେ ଥିବା ପିଏଚଡି ଅଫିସ ନିକଟରେ ୨ ଜଣ ଦୁର୍ବୃତ୍ତ ମଟର ସାଇକେଲରେ ଆସି ମହିଳାଙ୍କଠାରୁ ଟଙ୍କା ବ୍ୟାଗ ଝାମ୍ପି ନେଇ ଦ୍ରୁତ ଗତିରେ ଥାନା ଛକରୁ ଭୋଗରାଇ ରାସ୍ତାରେ ଚାଲି ଯାଇଥିଲେ। ମହିଳା ଦୁଇଜଣ ସେଠାରେ ଗାଡ଼ିରୁ ପଡ଼ି ଆହତ ହୋଇ ଚିକିତ୍ସିତ ହେବା ପରେ ଏ ବାବଦରେ ଭୋଗରାଇ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

# ବିଳମ୍ବରେ ସ୍କୁଲ ଖୋଲିବାକୁ ନେଇ ଉତ୍ତେଜନା

**ରାଜଘାଟ, ୧୯।୬ (ସମିସ):** ସ୍କୁଲ ବିଳମ୍ବରେ ଖୋଲିବାକୁ ନେଇ ସ୍କୁଲ ସମ୍ମୁଖରେ ଉତ୍ତେଜନା। ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ପଶିବାକୁ ଦେଲେନି ଅଭିଭାବକ। ଗ୍ରୀଷ୍ମ ଛୁଟି ପରେ ବାଲେଶ୍ୱର ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ୧୯ ତାରିଖ ସକାଳ ୬.୩୦ ରେ ସ୍କୁଲ ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ ସୂଚନା ଜାରି କରା ଯାଇଥିଲା। ବୁଧବାର ବସ୍ତା ବ୍ଲକର ରାମଚନ୍ଦ୍ରପୁର ୟୁଜିୟୁପି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସକାଳ ୬ .୧୫ ସୁଦ୍ଧା ପହଞ୍ଚି ଥିଲେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବହୁ ବିଳମ୍ବରେ ଅର୍ଥାତ୍ ୭ ଟା ପରେ ପହଞ୍ଚିଥିଲେ, ଯାହାକୁ ନେଇ ଅଭିଭାବକ ଅସନ୍ତୋଷ ହେବା ସହିତ କାହିଁକି ବିଳମ୍ବରେ ପହଞ୍ଚିଲେ ପଚାରିବାରୁ ଜନୈକା ଶିକ୍ଷୟିତ୍ରୀ ଦୁର୍ବ୍ୟବହାର କରିଥିଲେ। ଫଳରେ ସ୍କୁଲ ସମ୍ମୁଖରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି।






# ଅବ୍ୟବସ୍ଥା ଘେରରେ ନାମ୍ପୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ନାମ୍ପୋ, ୧୯।୬(ସମିସ):

ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତସ୍ଥିତ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବାରେ ଅବ୍ୟବସ୍ଥା। ଫଳରେ ୬ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକେ ଉପଯୁକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ। ଦୀର୍ଘ ଦଶନ୍ଧି ଧରି ନାମ୍ପୋ ସମେତ ଆଖ ପାଖ ୬/୭ ଗୋଟି ପଞ୍ଚାୟତ ତଥା ପଡୋଶୀ ପଶ୍ଚିମବଙ୍ଗ ଅଞ୍ଚଳର କେତେକ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିବା ନାମ୍ପୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ଧରି ଡାକ୍ତର ପଦବୀ ଖାଲି ରହିଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ନାମ୍ପୋ ବରିଷ୍ଠ ନାଗରିକ ପରିଷଦ ଓ କେତେକ ସମାଜସେବୀ ଓ ସାମାଜିକ ସଂଗଠନ ପକ୍ଷରୁ ବାରମ୍ବାର ଦାବି ଜଣାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଗ୍ରାମବାସୀ ଓ କେତେକ ସାମାଜିକ ସଂଗଠନ ପକ୍ଷରୁ ଗତ ୦୪/୦୧/୨୨ରେ



ଅନଶନ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣେ ଏମ୍‌ବିବିଏସ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା। ସମ୍ପୃକ୍ତ ଡାକ୍ତର ଜଣକ ଉଚ୍ଚ ଶିକ୍ଷା ପାଇଁ ଗଲା ପରେ ପ୍ରାୟତଃ ୬ ମାସ ହେବ ଡାକ୍ତର ପଦବୀ ଖାଲି ରହିଥିଲା। ଲୋକେ ଫାର୍ମାସିଷ୍ଟଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲେ। ବିଭାଗ ପକ୍ଷରୁ ନୂତନ ଡାକ୍ତର ନିଯୁକ୍ତ କରାଯାଇ ନ ଥିଲା। ନିୟମ ଅନୁଯାୟୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଏମ୍‌ବିବିଏସ, ଜଣେ ଫାର୍ମାସିଷ୍ଟ, ଜଣେ ନର୍ସ, ଜଣେ ନିଦାନ ବିଭାଗ ଓ ଜଣେ ଆୟୁଶ ଡାକ୍ତର ରହିବା କଥା। ତେବେ ଏମବିବିଏସ ଡାକ୍ତର ପଦବୀ ଖାଲି ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଡାକ୍ତର ନିଯୁକ୍ତି ପାଇଁ ବାରମ୍ବାର ଦାବି କରି ଆସୁଥିଲେ। ବାରମ୍ବାର ଦାବି ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ମାତ୍ର ଡାକ୍ତର ଜଣକ ଅଣ ଓଡିଆ ଓ ହିନ୍ଦୀ ଭାଷା ଭାଷୀ ବ୍ୟକ୍ତି। ତାଙ୍କୁ ଓଡ଼ିଆ ଭାଷା ଜଣା ନାହିଁ। ତେଣୁ ସେ ରୋଗୀଙ୍କ କଥା ବୁଝି ପାରୁ ନାହାଁନ୍ତି କି ଅନେକ ରୋଗୀ ମଧ ତାଙ୍କ କଥା ବୁଝି ପାରୁ ନାହାଁନ୍ତି। ଫଳରେ ହିନ୍ଦୀ ଭାଷା ଜାଣି ନଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି କାର୍ଯ୍ୟ ରତ ଫାର୍ମାସିଷ୍ଟ ଜଣକ ରୋଗୀ ଓ ଡାକ୍ତରଙ୍କ ମଧ୍ୟରେ ସହାୟକ ହୋଇ ରୋଗୀଙ୍କ ସମସ୍ୟାକୁ ହିନ୍ଦୀରେ ଡାକ୍ତରଙ୍କୁ ବୁଝାଇବା ପରେ ଔଷଧ ଲେଖୁଛନ୍ତି। ନିଦାନ ବିଭାଗରେ ମଧ ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ ହେତୁ ରୋଗ ନିର୍ଣ୍ଣୟ କରିବା ପାଇଁ ସମସ୍ତ ପରୀକ୍ଷା ନିରୀକ୍ଷା ସମ୍ଭବ ହେଉନାହିଁ। ତେଣୁ ବାଧ ହୋଇ ରୋଗୀଙ୍କୁ ଜଳେଶ୍ୱର କିମ୍ବା ବାଲେଶ୍ୱର ଯିବାକୁ ପଡୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଆୟୁଷ ବିଭାଗରେ ମଧ ଆବଶ୍ୟକୀୟ ଔଷଧ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଯୋଗାଇ ଦିଆଯାଉନାହିଁ। ତେଣୁ ତୁରନ୍ତ ଓଡ଼ିଆରେ ଦକ୍ଷତା ଥିବା ଜଣେ ଏମ୍‌ବିବିଏସ ଡାକ୍ତର ନିଯୁକ୍ତି କରିବା ସହିତ ସ୍ୱାସ୍ଥ୍ୟ ସେବା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ପାଇଁ ସାଧାରଣରେ ଦାବି ହେଉଛି।

**ଉପଯୁକ୍ତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ୬ରୁ ଅଧିକ ପଞ୍ଚାୟତର ଲୋକେ**

# ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ



ନାମ୍ପୋ, ୧୯।୬ (ସମିସ) : ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତରେ ଅବସ୍ଥିତ ଗଡ଼ପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ କେତେକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ଫେରାଦ ହୋଇଛନ୍ତି। ଉକ୍ତ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତ ପୁରୁଣା ଆଜବେଷ୍ଟସ ଘରକୁ ଭଙ୍ଗାଯାଇଥିଲା। ମାତ୍ର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନି ଘୋଷ/ ଦାସ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ର ଅଭିଭାବକ କିମ୍ବା ଗ୍ରାମବାସୀଙ୍କ ବିନା ପରାମର୍ଶରେ ସିମେଣ୍ଟ ଖୁଣ୍ଟି, କାଠ ଓ ଆଜବେଷ୍ଟସକୁ ବିକ୍ରି କରି ଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟାଳୟ ହତା ମଧ୍ୟରେ ଥିବା ଅକାଶୀ, ଝାଉଁ ଆଦି ୭ଟି ମୂଲ୍ୟବାନ ଗଛକୁ ମଧ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିକ୍ରି କରି ଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରି ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଗ୍ରାମର ଚନ୍ଦନ କୁମାର ଦତ୍ତ, ସତ୍ୟରଞ୍ଜନ ରଣା, ଜଗଦୀଶ ପ୍ରଧାନ, ଚନ୍ଦନ ଜେନା, ନାରାୟଣ ଦତ୍ତ, ଗୟା ପ୍ରସାଦ ଦତ୍ତ, ରଞ୍ଜିତ କୁମାର ସେନାପତି ପ୍ରମୁଖ ବ୍ଲକ ଶିକ୍ଷା ଅଧିକାରୀ, ଜଳେଶ୍ୱର ତହସିଲଦାର, ଜଙ୍ଗଲ ବିଭାଗ ଓ ଜିଲ୍ଲାପାଳଙ୍କ ସମେତ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ତୀର୍ଥ ଭ୍ରମଣରେ ଯାଇ ବୃଦ୍ଧାଙ୍କ ମୃତ୍ୟୁ

ଜଳେଶ୍ୱର ବ୍ଲକ, ୧୯।୬ (ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅବିଭକ୍ତ ଚୋରମରା ଗ୍ରାମ ପଞ୍ଚାୟତର ଖଡ଼ିକୁଦ ଗ୍ରାମର ସ୍ୱର୍ଗତ କାଳି ଚରଣ ରାଉଳଙ୍କ ପତ୍ନୀ ମାଳତୀ ରାଉଳ (୬୫) ଉତ୍ତର ଭାରତ ତୀର୍ଥ ଭ୍ରମଣ କରିବାକୁ ଗତ ତା-୮/୬/୨୦୨୪ ରିଖ ଶନିବାର ଘରୁ ବାହାରି ଯାଇଥିଲେ। ସମସ୍ତ ତୀର୍ଥଯାତ୍ରୀ ହରିଦ୍ୱାର, ଋଷିକେଶ ଆଦି ସ୍ଥାନ ଭ୍ରମଣ କରିବା ପରେ ପୁରୁଣା ଦିଲ୍ଲୀ ଷ୍ଟେସନରେ କୁରୁକ୍ଷେତ୍ର ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିଲେ। ମାତ୍ର ମାଳତୀ ବୟସାଧିକ ଯୋଗୁଁ ଥକି ଯାଇଥିବାରୁ ସମସ୍ତେ ଷ୍ଟେସନରେ ବସିଥିବା ବେଳେ ସେ ଅନ୍ୟତ୍ର ଯାଇ ନିଦ୍ରାରେ ଶୋଇ ପଡ଼ିଥିଲେ। ଠିକ୍ ଶୋଇ ପଡ଼ିଥିବା ବେଳେ ହଠାତ୍ ଗାଡ଼ି ଆସି ଯାଇଥିଲା। ଉକ୍ତ ଗାଡ଼ିରେ କୁରୁକ୍ଷେତ୍ର ଯିବା ପାଇଁ ସମସ୍ତ ଯାତ୍ରୀ ଗାଡ଼ିକୁ ଉଠି ଯାଇଥିଲେ। କିନ୍ତୁ ମାଳତୀ ନିଦ୍ରାରେ ଶୋଇ ଥିବାରୁ ଗାଡ଼ିରେ ଯାଇ ପାରିଲେ ନାହିଁ। ଷ୍ଟେସନରେ ଫେରି କରୁଥିବା ବ୍ୟକ୍ତିମାନେ ଏକା ଶୋଇଥିବା ଦେଖି ମାଳତୀକୁ ଡାକିଥିଲେ।ମାଳତୀ ଉଠି ଅନ୍ୟ ଯାତ୍ରୀ ମାନଙ୍କୁ ବହୁତ୍ ଖୋଜାଖୋଜି କରି ନ ପାଇ ସେ ଖୁବ୍ ମାନସିକ ଭାବେ ଦୁର୍ବଳ ହୋଇ ପଡ଼ିଥିଲେ। ଷ୍ଟେସନରେ ଥିବା ରେଳ ସୁରକ୍ଷା ବଳ କର୍ମଚାରୀ ମାନେ ମାଳତୀକୁ ଉଦ୍ଧାର କରି ନିକଟସ୍ଥ ପୁରୁଣା ଦିଲ୍ଲୀ ଆସନିପାଲମ୍ ସରକାରୀ ହସପିଟାଲରେ ଭର୍ତ୍ତି କରା ଯାଇଥିଲା।ମାତ୍ର ୧୮ ତାରିଖ ଅପରାହ୍ନ ୩ ଘଟିକାରେ ମାଳତୀର ମୃତ୍ୟୁ ହୋଇଥିଲା। ମୃତ ମାଳତୀ ପାଖରୁ ଏକ ଆଧାର କାର୍ଡ ଓ ଗୋଟିଏ କାଗଜରେ ତାଙ୍କ ପୁତୁରାର ଫୋନ ନମ୍ବର ଲେଖା ଥିଲା। ସେହି ମୋବାଇଲ ନମ୍ବରରେ ଯୋଗାଯୋଗ କରି ତାଙ୍କ ପୁଅକୁ ପୁଲିସ ଖବର ଦେଇଥିଲେ। ମଙ୍ଗଳବାର ପୁତ୍ର ତପନ ରାଉଳ ଓ ଚୋରମରା ସରପଞ୍ଚ ପ୍ରତିନିଧି ପରିତୋଷ କାମିଲା ରାତିରେ ଦିଲ୍ଲୀ ଯାଇ ଶବକୁ ବୁଧବାର ଯମୁନା ନଦୀ କୂଳରେ ଶବ ଦାହ କରିଥିବା ଘର ଲୋକ ସୂଚନା ଦେଇଛନ୍ତି।



# ବିଶ୍ୱ ରକ୍ତଶିକୁଳି ଦିବସ ପାଳିତ




ସିମୁଳିଆ, ୧୯।୬(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅନ୍ତର୍ଗତ ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ରକ୍ତ ଶିକୁଳି ରକ୍ତହୀନତା ଦିବସ ଅଧ୍ୟକ୍ଷ ବସନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ମାରାତ୍ମକ ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଓ ଏହାର କାରଣ ଓ ନିରାକରଣ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ସହ ଜନସାଧାରଣଙ୍କୁ ସଚେତନ କରିବା ଏ ଦିବସର ତାତ୍ପର୍ଯ୍ୟ। ଅଧ୍ୟକ୍ଷ ତଥା ଅଧ୍ୟାପକ ସୁଧିର ମୁଦୁଲି ଓ ରମେଶ ଚନ୍ଦ୍ର ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଏଇ ରୋଗ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଏଇ ସଚେତନତା ଅଭିଯାନ ଭାରତ ସରକାର ତଥା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୀର୍ଘ ୧୫ ଦିନ ଧରି ବିବିଧ ସଚେତନତାଧର୍ମୀ କାର୍ଯ୍ୟମାନ କରାଯିବାକୁ ସ୍ଥିର ହୋଇଛି ବୋଲି ଅଧ୍ୟକ୍ଷ ତାଙ୍କ ଅଭିଭାଷଣରେ କହିଥିଲେ। ଏକ ଡାକ୍ତରୀ ଦଳଙ୍କୁ ନିମନ୍ତ୍ରିତ କରାଯାଇ ଏଇ ରୋଗ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବା ଓ ଛାତ୍ରଛାତ୍ରୀମାନଙ୍କ ଜରିଆରେ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାଲାଗି ପଦକ୍ଷେପ ନିଆଯାଇଛି ବୋଲି ଅଧ୍ୟକ୍ଷ ସୂଚନା ଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ନରହରି ପେଡ଼ା, ଅଧ୍ୟାପକ ଶଶିକାନ୍ତ ନାୟକ, କ୍ରୀଡ଼ା ଶିକ୍ଷକ ତ୍ରିଦୀବ କୁମାର ନାୟକ, ଅଧ୍ୟାପକ ନିରୋଦ କୁମାର ଜେନାଆଦି ନିଜ ନିଜର ମନ୍ତବ୍ୟ ଉପସ୍ଥାପନ କରିଥିଲେ। ପରିଶେଷରେ ଅଧ୍ୟାପକ ପ୍ରଶାନ୍ତ ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯକ୍ରମ ପରିଚାଳନାରେ ଅଧ୍ୟାପିକା ଶର୍ମିଷ୍ଠା ମିଶ୍ର, ଛାତ୍ର ପ୍ରଭାସ ଦେ ଓ ସୁଶାନ୍ତଆଦି ବିଶେଷ ସହଯୋଗ କରିଥିଲେ।

# ଓଦା ଓ ଶୁଖିଲା ପ୍ରଣାଳୀରେ ଚାଷୀଙ୍କ ପାଇଁ ପରାମର୍ଶ ଶିବିର

ଜଳେଶ୍ୱର ବ୍ଲକ/ରାଇବଣିଆ, ୧୯।୬ (ସମିସ): ମିଟିଲ୍ୟାବ ଓ ଈଶ୍ୱର ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଭାଗଚାଷୀ ତଥା ଓଦା ଓ ଶୁଖିଲା ପ୍ରଣାଳୀରେ ଚାଷ ପାଇଁ ପରାମର୍ଶ ଶିବିର ବୁଧବାର ପୂର୍ବାହ୍ନ ୧୧ ଘଟିକା ସମୟରେ ୬୦ ନମ୍ବର ଜାତୀୟ ରାଜପଥ କଡ଼ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଶିବିରରେ ଈଶ୍ୱର ସଙ୍ଗଠନର ସିଇଓ ପିୟୁଶ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବସ୍ତା ବ୍ଲକ ଉପାଧକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଜିଲ୍ଲା କୃଷି ଅଧିକାରୀ ରାଜୀବ ଲୋଚନ ବେହେରା, ସମ୍ମାନୀତ ଅତିଥି ଭାବେ ଜଳେଶ୍?ର ଉଠା ଜଳସେଚନ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ନାୟକ, ବିଶ୍ୱାସ ସଂଗଠନର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପରିଡ଼ା, ଈଶ୍ୱର ସଙ୍ଗଠନର ନିର୍ଦ୍ଦେଶକ ମୁସ୍ତାକ ଖାଁ, ମିଟିଲ୍ୟାବ ସଂଗଠନର ସିନିୟର ମ୍ୟାନେଜର ବେଞ୍ଜାମିନ ମାଥୁର, ଜିଏଚଜି ମଡେଲିଂ ଓ ଯୋଗ୍ୟତା ଲିଡର ଇଶାନ ଆଜମେରା, ଅପରେଶନ୍ ମ୍ୟାନେଜର ସୁୟଶ ମିଶ୍ର ଓ ଅପରେସନ ଡାଟା ଆନାଲିଷ୍ଟ, ସଂଯୋଜକ ଅନୁପ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ଉନ୍ନତ ଚାଷ ପ୍ରଣାଳୀ, ଓଦା ଓ ହାଲୁକା ପଦ୍ଧତିରେ ଧାନ ଚାଷ ବିଷୟରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଙ୍କ ଦ୍?ାରା ଆଲୋକପାତ କରା ଯାଇଥିଲା। ସଙ୍ଗଠନର ଅଧିକାରୀଙ୍କ ଦ୍ୱାରା ଜଳ ବାୟୁ ପରିବର୍ତ୍ତନ ରେ ଜଳର ବ୍ୟବହାର, ଭୂତଳ ଜଳର ସଂରକ୍ଷଣ, ଚାଷର ପଦ୍ଧତି ପରିବର୍ତ୍ତନ ମାଧ୍ୟମରେ ଦୀର୍ଘ ସ୍ଥାୟୀ ଧାନ ଚାଷ କରିବା ଉପରେ ଆଲୋଚନା କରିଥିଲେ। ୪ ଜଣ ଚାଷୀ ବାୟୁ ମଣ୍ଡଳ ପ୍ରଦୂଷଣ ଚାଷର କୁପ୍ରଭାବ ଉପରେ ପ୍ରଶ୍ନର ଉତ୍ତର ସଭା ପରିଚାଳକ ଉତ୍ତର ପ୍ରଦାନ କରିବା ପରେ ମୁସ୍ତାକ ଖାଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ଥିବା ବେଳେ ସଙ୍ଗଠନର ପ୍ରମଥ ବେହେରା, ରଞ୍ଜନ କବି, ସୁବୋଧ ଗିରି, ସରୋଜ କବି, ରୁଦ୍ର ନାରାୟଣ ଜେନା, ଅଶ୍ରୁମୋଚନ ଘୋଷ, ଦିଲ୍ଲୀପ କୁମାର ଦେ, ରଞ୍ଜିତା ଦାସ, ରବୀନ୍ଦ୍ର ଜେନା, ବିପ୍ଳବ ସାହୁ, ଗଗନ ଜେନା, ପ୍ରମୁଖ ୧୩ ଜଣ କ୍ଷେତ୍ର ଆୟୋଜକ ଉପସ୍ଥିତ ରହି ସହଯୋଗ କରିଥିଲେ। ଜଳେଶ୍ୱର ଓ ବସ୍ତା ଅଞ୍ଚଳରୁ ବିଜୟ କୁମାର ଜେନା, ଚକ୍ରଧର ପ୍ରଧାନ, ଅଞ୍ଜନା କବି, ରଶ୍ମି ବିଶ୍ୱାଳ, ଶାନ୍ତିଲତା ରାଉଳ, ପ୍ରମୋଦ ମହାନ୍ତି, ଧ୍ରୁବ ଚରଣ ପାତ୍ର, ବିଭୂରେନ୍ଦ୍ର ଦେ, ନିତ୍ୟାନନ୍ଦ ସାମଲ, ଅଞ୍ଜନ କୁମାର ପ୍ରଧାନ, ସଞ୍ଜୟ କୁମାର ପ୍ରଧାନ, ଦେବଯାନୀ ଅଣ୍ଡିଆ, ଅଜୟ କୁମାର ବାରିକ, ମାନସ କୁମାର ଜେନା ପ୍ରମୁଖ ୨୦୦ରୁ ଊର୍ଦ୍ଧ ଚାଷୀ ଉପସ୍ଥିତ ଥିଲେ।




# ବିଶ୍ୱ ରକ୍ତଶିକୁଳି ଦିବସ ପାଳିତ

ଚୌକି, ୧୯।୬ (ସମିସ) : ଜୁନ୍ ୧୯ରୁ ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହା ଜୁଲାଇ ୩ ତାରିଖରେ ସମାପ୍ତ ହେବ।୨୦୪୭ ସୁଦ୍ଧା ଭାରତକୁ ସିକିଲ ସେଲ ଏନିମିଆ ବା ରକ୍ତହୀନତା ମୁକ୍ତ କରିବା ପାଇଁ ସରକାର ଏହି ପଦକ୍ଷେପ ହାତକୁ ନେଇଛନ୍ତି। ଭୋଗରାଇ ନିର୍ବାଚନମଣ୍ଡଳୀରେ ଥିବା ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୯ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୩୨ ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳନ କରାଯାଇଛି। ଏଥିମଧ୍ୟରୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କମଳାକାନ୍ତ ଜେନାଙ୍କ ସଭାପତିତ୍ୱରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ୩୧ ନମ୍ବର ଜୁନର ଜିଲ୍ଲା ପରିଷଦ ସଭ୍ୟା ଦମୟନ୍ତୀ ସାହୁ ଉପସ୍ଥିତ ଥିଲେ। ଲକ୍ଷ୍ମୀପ୍ରିୟା ଦାସ ଲୋକ ମାନଙ୍କୁ ରକ୍ତହୀନତା ଓ ତାର ନିରାକରଣ ବାବଦରେ ବୁଝାଇଥିଲେ। ରକ୍ତହୀନତାର ଲକ୍ଷଣ, ସିକିଲ ସେଲ ରୋଗ କ'ଣ, ସିକିଲ ସେଲ୍‌ଫ ଯନ୍ତ୍ରଣା ସମସ୍ୟା କ'ଣ, ସିକିଲ୍ ସେଲ୍‌ଫ ଏନିମିଆ ଲକ୍ଷଣ ଓ ଉପଚାର, ସିକିଲ୍ ସେଲ୍‌ଫ ରୋଗ କିପରି ହୁଏ, ଭାରତର ସିକିଲ୍ ସେଲ୍‌ଫ କେଉଁ ବର୍ଗଙ୍କ ପାଖରେ ଅଧିକ ଦେଖାଯାଏ, ଆଦି ବାବଦରେ ପାଖାପାଖି ଦୁଇଶହରୁ ଅଧିକ ଲୋକଙ୍କୁ ସଚେତନ କରାଇଥିଲେ। ସୁଶାନ୍ତ ଜେନା, ଜୟନ୍ତ ପଣ୍ଡା ଶିବଶଙ୍କର ଦେ ସଭା ପରିଚାଳନା କରିଥିଲେ। କବିପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭୋଗରାଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



# ବୃଦ୍ଧଙ୍କ ହତ୍ୟା ଅଭିଯୋଗ ଆଣିଲେ ସମ୍ପର୍କୀୟ

ସୋର, ୧୯।୬(ସମିସ): ସୋର ବ୍ଲକ କେଦାରପୁର ପଞ୍ଚାୟତ ନାୟିକାଣୀପାଟଣା ଗ୍ରାମରେ ପାରିବାରିକ କଳହରୁ ଜଣେ ବୃଦ୍ଧ ବିଷ ପିଇଥିବା ବେଳେ ଆଜି ଚିକିତ୍ସାଧୀନ ଅବସ୍ଥାରେ କଟକରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ବୃଦ୍ଧଙ୍କର ଜଣେ ସମ୍ପର୍କୀୟ ତାଙ୍କୁ ମାଡ଼ ମରାଯିବା ସହିତ ନିର୍ଯ୍ୟାତନା ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ସୋର ଥାନା କେଦାରପୁର ପଞ୍ଚାୟତ ନାୟିକାଣିପାଟଣା ଗ୍ରାମର ଶ୍ରୀଧର ନାୟକ (୬୦)ଙ୍କୁ ପାରିବାରିକ କଳହରୁ ତାଙ୍କ ପୁଅମାନେ ମାଡ଼ ମାରିବା ସହିତ ନିର୍ଯ୍ୟାତନା ଦେଉଥିଲେ। ଗତ ୧୬ ତାରିଖ ଦିନ ପାରିବାରିକ କଳହକୁ ନେଇ ତାଙ୍କ ପୁଅ ତାଙ୍କୁ ମାଡ଼ ମାରିଥିଲେ। ପରେ ସେ ବିଷ ପିଇ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଆଜି ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ତାଙ୍କର ଜଣେ ସମ୍ପର୍କୀୟ ତାଙ୍କୁ ନିର୍ଯ୍ୟାତନା ଓ ମାଡ ମାରିବା ସହିତ ବିଷ ପିଆଇ ଦେଇଥିବା ନେଇ ସୋର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ମୂଳେ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ଲକ୍‌ସ୍ତରୀୟ ପ୍ରସ୍ତୁତି କାର୍ଯ୍ୟକ୍ରମ

ଜଳେଶ୍ୱର ବ୍ଲକ, ୧୯।୬ (ସମିସ):

ଓଡ଼ିଶା ରାଜ୍ୟ ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆସୁଛି। ବିପର୍ଯ୍ୟୟ ପ୍ରକ୍ରିୟାରେ ଗୋଷ୍ଠୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୌଣସି ବିପର୍ଯ୍ୟୟ ଘଟିବା ପରେ ଏବଂ ବାହ୍ୟ ସାହାଯ୍ୟ ମିଳିବା ପୂର୍ବରୁ ଗୋଷ୍ଠୀ ହିଁ ତୁରନ୍ତ ପ୍ରତିକ୍ରିୟା କରିଥାଏ ଏବଂ ଏଥିରେ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ ମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଗୋଷ୍ଠୀ ବ୍ୟତୀତ ପ୍ରତ୍ୟେକ ଗ୍ରାମାଞ୍ଚଳରେ ଗ୍ରାମ୍ୟ ସ୍ତରୀୟ କମିଟି ଗଠନ କରିବା ସହିତ ଯୋଜନା ପ୍ରସ୍ତୁତି କରି କିଭଳି ଭାବରେ ଗ୍ରାମାଞ୍ଚଳର ସମସ୍ତ ଲୋକମାନେ ଭାଗିଦାରୀ ହୋଇ କାର୍ଯ୍ୟ କରି ପାରିବେ ସେଥି ପ୍ରତି ଯତ୍ନବାନ ହେବା ଆବଶ୍ୟକ। ବିଶେଷ କରି ଅଙ୍ଗନବାଡ଼ି କର୍ମୀମାନେ ଶୈଶବ ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ସେମାନେ ପ୍ରଶିକ୍ଷଣ




ପାଇଲେ ନା କେବଳ ପିଲାମାନଙ୍କ ମଧ୍ୟରେ ବିପର୍ଯ୍ୟୟ କୌଶଳ ବୃଦ୍ଧି କରିବେ ବରଂ ନିଜ ଅଞ୍ଚଳରେ ଅନ୍ୟମାନଙ୍କୁ ତାଲିମ ଦେଇ ପାରିବେ। ସମାଜର ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଅଙ୍ଗନବାଡ଼ି କର୍ମୀ ଆଗରେ ରହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ସମସ୍ତଙ୍କ ସହଯୋଗ ଏକାନ୍ତ ଜରୁରୀ ହୋଇ ଥିବାରୁ ଅଙ୍ଗନବାଡ଼ି କର୍ମୀଙ୍କ ସମ୍ପୃକ୍ତି ରାଜ୍ୟର ଦକ୍ଷତାକୁ ନୂଆ ସ୍ତରକୁ ନେଇପାରିବ ବୋଲି କୁହାଯାଇଛି। ତେଣୁ ମଙ୍ଗଳବାର ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଅପରାହ୍ନରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ଲକ ସ୍ତରୀୟ ଟେବୁଲ ଟପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକ ଅପରାହ୍ନ ଦୁଇଟାରେ ଆରମ୍ଭ ହୋଇ ୫ ଘଟିକାରେ ଶେଷ ହୋଇଥିଲା। ବୈଠକରେ ସମସ୍ତ ଲାଇନ ଡିପାର୍ଟମେଣ୍ଟର, ସ୍ୱାସ୍ଥ୍ୟ ବିଭାଗ, ପୋଲିସ, ଦମକଳ ବାହିନୀ ତଥା ଅଙ୍ଗନବାଡ଼ି କର୍ମୀ ମାନେ ଉପସ୍ଥିତ ଥିଲେ। ବୈଠକରେ ଜଳେଶ୍ୱର ବିଡିଓ ପୁନମ ରାଉତ ସଭାପତିତ୍ୱ କରିଥିବା ବେଳେ ଆସନ୍ତା କାଲି ତିନୋଟି ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ମକଡ୍ରିଲ ଆୟୋଜନ କରାଯିବ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସରକାରୀ ଓ ବେସରକାରୀ ସ୍ତରରେ ସମନ୍ୱୟ ରଖିବା ଆଦି ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ସ୍ୱେଚ୍ଛାସେବୀ ସଂଗଠନ ଲାଇଫ ସଙ୍ଗଠନର ସମ୍ପାଦକ ତ୍ରିଲୋଚନ ଗିରିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ସିଡିପିଓ ଚମ୍ପାମଣି ମୁର୍ମୁ, ଏବିଡିଓ ମାୟାଧର ମଲ୍ଲିକ, ଆଡିସନାଲ ତହସିଲଦାର ଅମ୍ଲାନ ନାୟକ ଜିପିଓ ମନୀଷା ଚକ୍ରବର୍ତ୍ତୀ, ଆୟୁଷ ଡାକ୍ତର ମୋହନଲାଲ ମହାନ୍ତ, ପୁଲିସ ଏସଆଇ ଚିରଞ୍ଜିବୀ ରାଉତ, ପ୍ରାକ୍ତନ ଜିପିଓ ସୋମନାଥ ବେହେରା, ଫାୟାର ଅଫିସର ଶବରଙ୍ଗ ସିଂ ତଥା ଅନ୍ୟ ଅଧିକାରୀମାନେ ଉପସ୍ଥିତ ହୋଇ ଆଲୋଚନାରେ ଭାଗ ନେଇଥିଲେ।

# ମହ୍ଲାରୀ-କାଳିଆଗଡ଼ିଆ ରାସ୍ତା ନିର୍ମାଣରେ ଅନିଶ୍ଚିତତା



**ଏଷ୍ଟିମେଟ ବଦଳାଇବାକୁ ୧୦ଗ୍ରାମର ଅଧିବାସୀଙ୍କ ଦାବି**

ଖଇରା, ୧୯ ।୬ (ସମିସ): ବାଲେଶ୍ୱର ଓ କେନ୍ଦୁଝର ଜିଲାକୁ ସଂଯୋଗ କରୁଥିବା ମହ୍ଲାରୀ-କାଳିଆଗଡ଼ିଆ ଭାୟା ଧଣିଆବନ୍ଧ ରାସ୍ତାରେ ସର୍ଭେଜନିତ ତ୍ରୁଟି ଯୋଗୁଁ ରାସ୍ତା ଶିଳାନ୍ୟାସର ୩ ମାସ ପରେ ବି ରାସ୍ତା ନିର୍ମାଣ ଆରମ୍ଭ ହୋଇ ପାରୁନାହିଁ। ରାସ୍ତାର ୨ମୁଣ୍ଡର ଦୂରତା ୨କିମି ହୋଇଥିବା ବେଳେ ଏଷ୍ଟିମେଟରେ ଏହା ୧.୪କିମି ଥିବାରୁ ରାସ୍ତା ସଂଲଗ୍ନ ୧୦ଖଣ୍ଡ ଗ୍ରାମବାସୀମାନେ ଯାତାୟାତକୁ ଦୃଷ୍ଟିରେ ରଖି ୨ କିମି ସଂଯୋଗ କରିବାକୁ ଅଡି ବସିଛନ୍ତି। ସେପଟେ ଅଧିକ ୬ଶହ ମିଟର କାମ କରିବା ଠିକାଦାରଙ୍କ ପକ୍ଷେ ସମ୍ଭବ ନ ଥିବାରୁ ଏବେ ରାସ୍ତା ନିର୍ମାଣରେ ଅନିଶ୍ଚିତତା ସୃଷ୍ଟି ହୋଇଛି। ତୁରନ୍ତ ରାସ୍ତାର ଏଷ୍ଟିମେଟ ପରିବର୍ତ୍ତନ କରିବାକୁ ରାସ୍ତା ସଂଲଗ୍ନ ବିଭିନ୍ନ ଗ୍ରାମର ଅଧିବାସୀ ଅଜୟ ବେହେରା, ଶମ୍ଭୁନାଥ ନାୟକ, କମଳାକାନ୍ତ ପଣ୍ଡା, ରମେଶ ପଣ୍ଡା, ମୁରଲୀଧର ପାଣିଗ୍ରାହୀ, କମଳାକାନ୍ତ ସାହୁ, ଭଗବାନ ସାହୁ, ଜନ୍ମେଜୟ ତ୍ରିପାଠୀ, କାର୍ତ୍ତିକ ଦାସ, ନିରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ ମହାନ୍ତି, ନରେଶ ସାହୁ, ଚକ୍ରଧର ସାହୁ, ସୁରେନ୍ଦ୍ର ଶତପଥି, ହରେକୃଷ୍ଣ ମହାକୁଡ, ବିଜୟ ସାହୁ, ସୁଧାଂଶୁ ଶେଖର ପାଢ଼ୀ ପ୍ରମୁଖ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଓ ସଚିବଙ୍କ ନିକଟରେ ଦାବି କରିଛନ୍ତି। ପ୍ରତ୍ୟେକ ଦିନ ବାଲେଶ୍ୱର ଜିଲା ଖଇରା ବ୍ଲକର ଶହ ଶହ ଲୋକ ବିଭିନ୍ନ କାର୍ଯ୍ୟ ପାଇଁ କେନ୍ଦୁଝର ଜିଲାର ବିଦ୍ୟାଧରପୁର, ହଦଗଡ଼ ତଥା ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ସିଦ୍ଧଗୁମ୍ଫାକୁ ଯିବାକୁ କମ ଦୂରତା ବିଶିଷ୍ଟ ଏହି ରାସ୍ତା ବ୍ୟବହାର କରିଥାନ୍ତି। ଏଥିସହ ଅଣଓସାରିଆ ରାସ୍ତାରେ ରଚିଣା ଗ୍ରାମକୁ ଖା।ଉଟିସାମଗ୍ରୀ ପହଞ୍ଚାଇବା ଓ ସରକାରୀ ଧାନକ୍ରୟ କରିବା ପାଇଁ ବହୁ ସମୟରେ ଯୋଗାଣ ବିଭାଗକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ଉପରୋକ୍ତ ସମସ୍ୟାରୁ ମୁକୁଳିବାକୁ ବହୁ ଦାବି ପରେ ତତ୍କାଳୀନ ବିଧାୟକ ଜ୍ୟୋତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ରାସ୍ତାଟି ସିଏମଆରଏଲ ଯୋଜନାରେ ଭର୍ତ୍ତି କରାଯାଇଥିଲା ଏବଂ ମାର୍ଚ୍ଚ ମାସରେ ଉକ୍ତ ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ହେଲେ ଦୂରତା ୨କିମି ବଦଳରେ ୧.୪କିମି ପାଇଁ ଅନୁମୋଦନ ମିଳିଥିବା ନେଇ ଏଷ୍ଟିମେଟରୁ ଜଣାପଡ଼ିବା ପରେ ରାସ୍ତା ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତଙ୍କୁ ଯୋଗାଯୋଗ କରିବାରେ ଏଷ୍ଟିମେଟ ପରିବର୍ତ୍ତନ ପାଇଁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି।

# ବିଳମ୍ବରେ ସ୍କୁଲ ଆସିବାରୁ ଶିକ୍ଷୟିତ୍ରୀ ନିଲମ୍ବିତ

ବସ୍ତା ବ୍ଲକ, ୧୯।୬ (ସମିସ) : ବୁଧବାର ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ସମସ୍ତ ସ୍କୁଲ ଖୋଲିଛି। ଚଳିତ ଶିକ୍ଷାବର୍ଷ ପ୍ରାରମ୍ଭରେ ସ୍କୁଲକୁ ବିଳମ୍ବରେ ଆସିବା ନେଇ ବସ୍ତା ବିଇଓ ଜନୈକା ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ଜଣାପଡ଼ିଛି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ଭେଲୋରା ପଞ୍ଚାୟତର ରାମଚନ୍ଦ୍ରପୁର ୟୁପି ସ୍କୁଲର ଶିକ୍ଷୟିତ୍ରୀ ଶକୁନ୍ତଳା ଜେନାଙ୍କ ନାମରେ ପୂର୍ବରୁ କେତେକ ଅଭିଯୋଗ ଥିଲା। ବୁଧବାର ସ୍କୁଲ ଖୋଲିଥିବା ବେଳେ ସରକାରୀ ନିୟମକୁ ବେଖାତିର କରି ସମ୍ପୃକ୍ତ ଶିକ୍ଷୟିତ୍ରୀ ଜଣଙ୍କ ବିଳମ୍ବରେ ସ୍କୁଲ ଆସିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଏ ନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନାଙ୍କ ନିର୍ଦ୍ଦେଶ ଅନୁସାରେ ବିଆରସିସି ଓ ସିଆରସିସି ସ୍କୁଲକୁ ଯାଇ ତଦନ୍ତ କରି ବିଭାଗୀୟ ଅଧିକାରୀଙ୍କୁ ରିପୋର୍ଟ ଦେଇଥିଲେ। ପରେ ବିଇଓ ଶ୍ରୀ ଜେନା ୧୫୧୦/୨୪ ନମ୍ବର ନିର୍ଦ୍ଦେଶନାମାରେ ଶିକ୍ଷୟିତ୍ରୀ ଶକୁନ୍ତଳା ଜେନାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ପ୍ରକାଶ କରିଛନ୍ତି।

# ଦୁଇ ବାଇକ୍ ମୁହାଁମୁହିଁ, ୩ ଗୁରୁତର

ସୋର, ୧୯।୬ (ସମିସ): ସୋର ଥାନା ସୋର ଅନନ୍ତପୁର ରାସ୍ତା ପାଖର ଛକ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ତିନିଜଣ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବିଷ୍ଣୁପୁର ଗ୍ରାମର ରଞ୍ଜନ ବେଜ(୩୦) ଓ ତାଙ୍କ ଭାଇ ସାଗର ବେଜ (୨୮) ଆଜି ମଧ୍ୟାହ୍ନରେ ସୋର ଅଭିମୁଖେ ବାଇକରେ ଆସୁଥିବାବେଳେ ବିପରୀତ ଦିଗରୁ ବେଲପୁର ଗ୍ରାମର ଶେଖ ଅରିଫ ବାଇକ ଯୋଗେ ଅନନ୍ତପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ପାଖର ଛକ ନିକଟରେ ଉଭୟ ବାଇକ ମଧ୍ୟରେ ମୁହାମୁହିଁ ଧକ୍କା ଦେବା ଫଳରେ ତିନିଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ।ସେଠାରେ ସେମାନଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

# ମହନ୍ତ ମନ୍ଦିରରେ ନିର୍ବାହୀ ଅଧିକାରୀ ପଦ ପୂରଣ ଦାବି

ନୀଳଗିରି, ୧୯।୬ (ସମିସ): ବାଲେଶ୍ୱର ଜିଲ୍ଲା ପ୍ରସିଦ୍ଧ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରେ ରାଜାଙ୍କ ରାଜୁତି ସମୟରେ ସେତେବେଳର ଅଧିଷ୍ଠିତ ରାଜା କିଶୋର ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ନୀଳଗିରି ଉପଖଣ୍ଡରେ ବିଭିନ୍ନ ସ୍ଥାନରେ ଦେବଦେବୀଙ୍କ ମନ୍ଦିର, ମଠ ସ୍ଥାପନ କରିଥିଲେ। ଏବେ ଏସବୁ ସ୍ଥାନ ପର୍ଯ୍ୟଟନ ସ୍ଥଳୀ ପାଲଟିଛି। ରାଜା ଶାସନର ଅନ୍ତଃ ପରେ ଗଣତନ୍ତ୍ର ଶାସନରେ ଏ ସମସ୍ତ ପୀଠର ରକ୍ଷଣା ବେକ୍ଷଣ ଦାୟିତ୍ୱ ଭାର ଓଡ଼ିଶା ଦେବୋତ୍ତର ବିଭାଗ ଉପରେ ନ୍ୟସ୍ତ ଅଛି। ମନ୍ଦିର, ମଠର ପୁନରୁଦ୍ଧାର, ଉନ୍ନତିରେ ଦେବୋତ୍ତର ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରିଛି। ମନ୍ଦିରର ସୁରକ୍ଷା ପାଇଁ ନୂତନ ବୋର୍ଡ ଗଠନ ଠାରୁ ଆରମ୍ଭ କରି ଅନୁଦାନ ପର୍ଯ୍ୟନ୍ତ ଉକ୍ତ ବିଭାଗର ତତ୍ତ୍ୱାବଧାନ ରେ ସାଧିତ ହେଉଥିଲା ବେଳେ ନୀଳଗିରି ମହନ୍ତ ମନ୍ଦିର (ମଠ)କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବର୍ଷବର୍ଷ ଧରି ପୁରୁଣା ବୋର୍ଡ଼ ଚାଲୁ ରହିଥିବା ବେଳେ ନୂତନ ବୋର୍ଡ଼ ଗଠନ ହୋଇ ପାରୁନାହିଁ କି ନୂଆ ଅଧିକାରୀଙ୍କ ଯୋଗଦାନ ହୋଇପାରୁନାହିଁ। ଫଳରେ ବର୍ଷବର୍ଷ ଧରି ନିର୍ବାହୀ ଅଧିକାରୀଙ୍କ ପଦବୀ ଫାଙ୍କା ପଡ଼ିରହିଛି। ଏଥିରେ ମନ୍ଦିରର ରକ୍ଷଣା ବେକ୍ଷଣ, ଠାକୁରଙ୍କ ନୀତିକାନ୍ତି ଠାରୁ ଆରମ୍ଭ କରି ଆୟ ବ୍ୟୟର ହିସାବରେ ଅନିୟମିତତା ଅଭିଯୋଗ ହେଉଛି। ଚଳିତ ରଥଯାତ୍ରାକୁ ଦୃଷ୍ଟିରେ ରଖି ତୁରନ୍ତ ନିର୍ବାହୀ ଅଧିକାରୀଙ୍କ ପଦବୀ ପୂରଣ ପାଇଁ ସାଧାରଣରେ ଦାବି ହେଉଛି।

# କୂଅରେ ପଡ଼ିଯାଇଥିବା ଗାଈ ଉଦ୍ଧାର

ରାଇବଣିଆ, ୧୯।୬(ସମିସ) : ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ ଗ୍ରାମ ପଞ୍ଚାୟତର ହରିଣାବନ୍ଧ ଗାଁର ବାଇନ ହାଁସଦାଙ୍କ ବାଡିରେ ରହିଥିବା ଏକ ୫୦ଫୁଟ ଗଭୀର କୁଅରେ ବୁଦ୍ଧିଆ ସିଂଙ୍କ ଘରର ଏକ ଗାଈ ଚରିବା ପାଇଁ ଯାଇ କୂଅ ଭିତରକୁ ଖସି ପଡ଼ିଥିଲା। ଶବ୍ଦ ଶୁଣି ପାଖରେ ଥିବା ଗ୍ରାମ ବାସୀ ମାନେ କୂଅ ନିକଟକୁ ଦୌଡ଼ି ଆସିଥିଲେ। ଗ୍ରାମବାସୀ ସମସ୍ତେ ମିଶି ଗାଈଟିକୁ କୂଅରୁ ଉଦ୍ଧାର ପାଇ ରଶି ପକାଇ ଚେଷ୍ଟା କରିଥଲେ ମଧ ତାହା ସୁଫଳ ମିଳି ନ ଥିଲା। ଶେଷରେ ଗ୍ରାମ ବାସୀମାନେ ୧୧୨ ନମ୍ବର ରେ ଜଳେଶ୍ୱର ଦମକଳ ବାହିନୀଙ୍କୁ ଜଣାଇ ଥିଲେ। ଜଳେଶ୍ୱର ଦମକଳ ବାହାନୀ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଗ୍ରାମବାସୀ ଓ ସ୍ଥାନୀୟ ଯୁବ ସାମ୍ବାଦିକ ଅଶ୍ରୁ ମୋଚନ ଘୋଷ ଓ ନବୀନ କୁମାର ସାହୁ ସହଯୋଗରେ ଦୀର୍ଘ ସମୟ ପ୍ରଚେଷ୍ଟା ପରେ ଗାଈ ଟିକୁ କୂଅ ଭିତରୁ ଉଦ୍ଧାର କରିଥଲେ। ଗାଈଟି ସୁସ୍ଥ ଅଛି। ଜଳେଶ୍ୱର ଅଗ୍ନିଶମ ମୁଖ୍ୟ ଆଗ୍ନିକ ଜଗବନ୍ଧୁ ନୟାକ, ସବିର କୁମାର ନାୟକ, ସୁଶାନ୍ତ ସିଂହ, ଭରତ ବେହେରା, ରବୀନ୍ଦ୍ର ନାଥ ମାଝୀ, ରାଜେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ଅଧିକାରୀ ମାନେ ମିଶି ଗାଈ ଟିକୁ ଉଦ୍ଧାର କରିଥଲେ। ଗାଈ ଟି ଉଦ୍ଧାର ହେଲା ପରେ ଖୁଆର୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ରାମଧୁ ମାରାଣ୍ଡି ଓ ଓଲମରା ପ୍ରାଣୀ ଚିକିତ୍ସା ଅଧିକାରୀ ମନୋଜ କୁମାର ସିଂ ଆସି ଗାଈ କୁ ଚିକିତ୍ସା କରିଥଲେ।



# ସୁଧ ଟଙ୍କା ପାଇଁ ଜ୍ୱାଇଁଙ୍କୁ ଆକ୍ରମଣ କଲା ଶଶୁର

ବାରିପଦା, ୧୯ ।୬(ସମିସ): ସୁଧ ଟଙ୍କା ପାଇଁ ଜ୍ୱାଇଁଙ୍କୁ ଆକ୍ରମଣ କରିଛି ଶଶୁର। ଏନେଇ ରଘୁନାଥପୁର ଅଞ୍ଚଳର ସେକ ଜବାରଉଦ୍ଦିନ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କ ଶଶୁର ସେକ ମନିରଉଦ୍ଦିନଙ୍କ ପାଖରୁ ଘର କାମ କରିବା ପାଇଁ ସେ ୩ ଲକ୍ଷ ଟଙ୍କା ଋଣ ଆଣିଥିବା ବେଳେ ତାହାର ମୂଳ ଓ ସୁଧ ଅର୍ଥ ପରିଶୋଧ କରି ସାରିଛନ୍ତି। ତେବେ ସେ ପୁଣି ସୁଧ ଟଙ୍କା ମାଗି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାରଧର କରିଥିଲେ। ଏଥିସହିତ ସେକ ଜବାରଉଦ୍ଦିନଙ୍କୁ ଘରେ ବନ୍ଦ କରି ତାଙ୍କୁ ପତ୍ନୀ ଓ ଛୁଆକୁ ନେଇ ସେ ପଳାଇ ଯାଇଥିଲେ। ପତ୍ନୀ ଓ ଛୁଆକୁ ଆଣିବାକୁ ଗଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଛନ୍ତି। ଏନେଇ ଅଭିଯୋଗକ୍ରମେ ଭଞ୍ଜପୁର ଥାନାରେ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି।

# ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ; ୩ ଆହତ

ବାରିପଦା, ୧୯ ।୬(ସମିସ)

ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ମହିଳାଙ୍କୁ ୧୦୮ ଆମ୍ବୁଲାନ୍ସରେ ନେଇ ଆସୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି;

**ଗର୍ଭବତୀଙ୍କୁ ଛାଡ଼ି ଚମ୍ପଟ ମାରିଲା ଚାଳକ**

ହେଲେ ଦୁର୍ଘଟଣା ପରେ ଚାଳକ ଗର୍ଭବତୀଙ୍କୁ ଛାଡି ଫେରାର ହୋଇଯାଇଛି। ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡ଼ିଛି। ଗର୍ଭବତୀ ମହିଳା ଗୁରୁତର ଥିବା ବେଳେ ତାଙ୍କ ସହ ଥିବା ଦୁଇ ସମ୍ପର୍କୀୟ ମଧ୍ୟ ଆହତ ହୋଇ ବାରିପଦା ପିଆରଏମ୍ ହସପିଟାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଅନ୍ଧାରୀ ଗ୍ରାମର କାନ୍ତ ହେମ୍ବ୍ରମଙ୍କ ସ୍ତ୍ରୀ ସୋମବାରୀ ହେମ୍ବ୍ରମଙ୍କ ପ୍ରସବ ବେଦନା ହେବାରୁ ମଙ୍ଗଳବାର ସନ୍ଧ୍ୟାରେ ରାସଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

ତେବେ ରାତିରେ ସ୍ଥିତି ଉଦବେଗଜନକ ହେବାରୁ ତାଙ୍କୁ ରାସଗୋବିନ୍ଦପୁର ଡାକ୍ତରଖାନାରୁ ବାରିପଦା ସ୍ଥିତ ପିଆରଏମ୍ ଡାକ୍ତରଖାନାକୁ ରେଫର କରିଥିଲେ ଡାକ୍ତର। ଗର୍ଭବତୀଙ୍କ ସହ ଦିଦି କୁଇଲି ହେମ୍ବ୍ରମ ଓ କାକୀ ସିନଗୋ ହେମ୍ବ୍ରମ ଏବଂ ସ୍ୱାମୀ କାନ୍ତ ହେମ୍ବ୍ରମ ମଧ୍ୟ ଆମ୍ବୁଲାନ୍ସରେ ବାରିପଦା ଆସୁଥିଲେ; ହେଲେ ବିଳମ୍ବିତ ରାତିରେ ବାରିପଦା ସଦର ଥାନା ଅନ୍ତର୍ଗତ ଶଙ୍ଖାଭଙ୍ଗା ସ୍ଥିତ ସାରୁଝରଣ ନିକଟରେ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ରାସ୍ତା କଡକୁ ପଶିଯିବା ସହ ଓଲଟି ପଡ଼ିଥିଲା। ପରେ ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯିବା ପରେ କୌଣସି ପ୍ରକାରରେ କାନ୍ତ ଗାଡିର କାଚଭାଙ୍ଗି ସମସ୍ତଙ୍କୁ ଉଦ୍ଧାର କରିଥିଲେ। କାଚ ଭାଙ୍ଗିବାର ଶବ୍ଦ ଶୁଣି ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ଅନ୍ୟ ଏକ ଆମ୍ବୁଲାନ୍ସରେ ଗର୍ଭବତୀଙ୍କୁ ବାରିପଦା ହସ୍ପିଟାଲକୁ ପଠାଇଥିଲେ। ଗର୍ଭବତୀ ସୋମବାରୀଙ୍କ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରସବ ପାଇଁ ଗୃହରେ ଭର୍ତ୍ତି କରାଯାଇଛି। ସେପଟେ ସାଙ୍ଗରେ ଆସୁଥିବା ୨ ସମ୍ପର୍କୀୟଙ୍କୁ ମଧ୍ୟ ଆହତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



**ଅବହେଳିତ ବୁଢ଼େଇରଣା ମଠ**

# ପାନୀୟ ଜଳ, ରାସ୍ତା ଓ ଆଲୋକ ବ୍ୟବସ୍ଥା ଜରୁରୀ



ବଡ଼ସାହି, ୧୯।୬(ସମିସ): କଳା ଓ ସଂସ୍କୃତି କ୍ଷେତ୍ରରେ ଓଡ଼ିଶା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ବହୁ ମଠ ଏବେ ବି ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସମ୍ପ୍ରତି ମଠ ପରିସରରେ ପୂର୍ବଭଳି ଆଉ ଭଜନକୀର୍ତ୍ତନ ସହିତ ଭକ୍ତିମୟ ପରିବେଶ ଦେଖିବାକୁ ମିଳୁନି। ଏବେ ମଠଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଲୋକେ ଦୂରେଇ ଗଲେଣି। ସେହି ପୁରାତନ ଐତିହ୍ୟ ସମ୍ପନ୍ନ ମଠ ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ ଶିଆଳୀଘାଟୀ ପଞ୍ଚାୟତର ବୁଢେଇରଣା ମଠ ଅନ୍ୟତମ। ବୁଢେଇରଣା ଗ୍ରାମ ଦେଇ ବୋହିଯାଉଥିବା ବଡଯୋଡ ନାଳକୁ ଲାଗି ୩ ଏକରରୁ ଉର୍ଦ୍ଧ୍ୱ ଜମିରେ ରହିଛି ଏହି ମଠ। ପ୍ରାୟ ଦେଢ ଶହ ବର୍ଷ ପୂର୍ବେ ବାଲେଶ୍ୱର ଜିଲ୍ଲା ତୁଳସୀପଦା ଗ୍ରାମର ସ୍ୱର୍ଗତ ବାବାଜିକୃଷ୍ଣ ମୋହନ ଦାସ ଓ ସ୍ୱର୍ଗତ ବାବାଜି ଟିଣା ଦାସ ଭିକ୍ଷାବୃତ୍ତି କରି ଏହି ମଠ ପ୍ରତିଷ୍ଠା କରିଥିଲେ। ମଠର ଏକ ଝାଟିମାଟି ଘରେ ପୂଜା ପାଉଛନ୍ତି ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ; ମାତ୍ର ଏଠାରେ ଏକ ନିଆରା ପରମ୍ପରା ରହିଛି। ମଠ ପ୍ରତିଷ୍ଠା ହେବା ପରଠାରୁ ଅଦ୍ୟାବଧି ଏହି ଠାକୁରଙ୍କୁ କେଉଟ ଓ ଭୂୟାଁ ସମ୍ପ୍ରଦାୟର ଲୋକେ ପୂଜା କରିଆସୁଛନ୍ତି। ଶିଆଳୀଘାଟୀ ଓ ପାଉଁଶିଆ ପଞ୍ଚାୟତର ପ୍ରାୟ ୮/୧୦ଟି ଗ୍ରାମର ଲୋକେ ଏହି ମଠକୁ ପ୍ରତିଦିନ ପୂଜା କରିବାକୁ ଆସନ୍ତି। ମଠ ପରିସରରେ ଥିବା ଶାଳ, ପିଆଶାଳ, ଆମ୍ବ ଓ ପଣସ ଗଛର ପ୍ରାକୃତିକ ସୌନ୍ଦର୍ଯ୍ୟ ଭକ୍ତମାନଙ୍କୁ ବେଶ ଆକର୍ଷିତ କରୁଛି। ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାଏକଙ୍କ ଉଦ୍ୟମରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ନିର୍ମାଣାଧୀନ ମନ୍ଦିରଟି ଏବେ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ନାଟ ମନ୍ଦିରରେ ଗ୍ରୀଲ କିମ୍ବା କବାଟ ଲାଗିନଥିବା ବେଳେ ବିଦ୍ୟୁତିକରଣ ମଧ୍ୟ ହୋଇନାହିଁ। ଏଠାରେ ଷ୍ଟ୍ରିଟ ଲାଇଟର ଆବଶ୍ୟକତା ରହିଛି। ସୁବାସିନୀ ନାଏକ ବର୍ତ୍ତମାନ ବଡସାହି ୨୩ ନମ୍ବର ଜୋନର ଜିଲ୍ଲା ପରିଷଦ ଥିବାରୁ ତାଙ୍କ ପ୍ରଚେଷ୍ଟାରେ ମଠ ପରିସରରେ ଥିବା ଶିବ ଓ ଜଗନ୍ନାଥ ମନ୍ଦିରର ଉନ୍ନତିକରଣ ପାଇଁ ୧୩ ଲକ୍ଷ ଟଙ୍କା 'ଆମ ଓଡ଼ିଶା ନବୀନ ଓଡ଼ିଶା' ଓ ୫-ଟି ଯୋଜନାରୁ ମଞ୍ଜୁର ହୋଇ କାର୍ଯ୍ୟ ଚାଲିଛି। ମଠର ନିଜସ୍ୱ ପାଣ୍ଠି ନ ଥିବା ବେଳେ କେବଳ ଏକ ଏକର ଜମି ରହିଛି। ଯାହାକି ମନ୍ଦିର ପରିଚାଳନା ପାଇଁ ଯଥେଷ୍ଟ ନୁହେଁ। ତେଣୁ ଆବଶ୍ୟକ ଖର୍ଚ୍ଚ ପ୍ରାକ୍ତନ ମନ୍ତ୍ରୀଙ୍କ ପରିବାର ବହନ କରୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏହାବ୍ୟତୀତ ଅଞ୍ଚଳବାସୀଙ୍କ ଉଦ୍ୟମରେ ଏକ ଛୋଟ ମନ୍ଦିର ନିର୍ମାଣ କରାଯାଇ ବାବା ରାମେଶ୍ୱର ମହାଦେବ ପୂଜା ପାଉଛନ୍ତି। ଏଠାକୁ ପ୍ରତିବର୍ଷ ଦୂରଦୂରାନ୍ତରୁ ବହୁ ଲୋକ ବଣଭୋଜି କରିବାକୁ ମଧ୍ୟ ଆସନ୍ତି। ମାତ୍ର ପିଇବା ପାଣିର ସୁବିଧା ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୁଣା କୂଅଟି ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ମଠକୁ ଲାଗି ବୋହି ଯାଉଥିବା ନାଳର ପାଣି ଠାକୁରଙ୍କ ସେବାରେ ବ୍ୟବହାର କରାଯାଉଛି ବୋଲି କହନ୍ତି ପୂଜକ ରମାକାନ୍ତ ନାଏକ। ଅବସରପ୍ରାପ୍ତ ଶିକ୍ଷକ ଶିରିଶ ଚନ୍ଦ୍ର ଗିରି କହନ୍ତି, ମଠ ଚାରିପାଖ ପାଚେରୀର ଆବଶ୍ୟକତା ଥିବାରୁ ଗଛ ଗୁଡିକର ଯତ୍ନ ଠିକ ଭାବେ ନିଆଯାଇପାରୁ ନାହିଁ। ଫଳରେ ମଠ ପରିସରଟି ଗାଈଗୋରୁଙ୍କ ଚୋରା ଭୂଇଁ ପାଲଟିଛି। ଗ୍ରାମର କିଛି ଯୁବକଙ୍କ ଉଦ୍ୟମରେ ପ୍ରତିବର୍ଷ ମକରମେଳା ଅନୁଷ୍ଠିତ ହୋଇଥାଏ। ମାତ୍ର ମଠକୁ ଆସିବା ପାଇଁ ମୋରମ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ତେଣୁ ପ୍ରଶାସନ ଏହି ମଠ ପ୍ରତି ଗୁରୁତ୍ୱ ଦେବା ସହିତ ପାଚେରୀ ନିର୍ମାଣ ସାଙ୍ଗକୁ ପାନୀୟ ଜଳ ଏବଂ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# ମହିଳାଙ୍କୁ ମାଡ଼ମାରି ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍

ବାରିପଦା, ୧୯ ।୬(ସମିସ): ଜଣେ ମହିଳାଙ୍କୁ ମାଡ଼ମାରି ୪ଲକ୍ଷରୁ ଉର୍ଦ୍ଧ୍ୱ ଲକ୍ଷ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଢ଼ିପାସାହି ଅଞ୍ଚଳର ଗୀତା ସିଂ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କର ପାଲବଣି ସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗୀତା ଟ୍ରେଡିଂ କାର୍ଯ୍ୟାଳୟ ରହିଛି। ସେ କାର୍ଯ୍ୟାଳୟରେ ଥିବାବେଳେ ୪ଜଣ ମହିଳା ୪/୫ଜଣ ମଦ୍ୟପଙ୍କୁ ଧରି କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। ପରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରଧର କରିଥିଲେ। କାର୍ଯ୍ୟାଳୟର ଆଲମିରାରେ ଥିବା ୪ଲକ୍ଷ ୫୨ହଜାର ଟଙ୍କା, ରସିଦ ବହି, ଚେକ ଆଦି ଜୋର ଜବରଦସ୍ତ ଲୁଟିନେଇ ପଳାଇଥିଲେ। ପୁଲିସ ଅଭିଯୋଗ ପାଇ ତଦନ୍ତ ଜାରି ରଖିଛି।

# ପୁଣି ହାଟରୁ ବାଇକ୍ ଚୋରି

ବାରିପଦା, ୧୯ ।୬(ସମିସ):ବାରିପଦା ସଦର ଥାନା ଅଞ୍ଚଳରୁ ପୁଣି ଏକ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଦାମୋଦରପୁର ଗ୍ରାମର ସନାତନ ସିଂ ବାରିପଦା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ବାଇକଟି ନେଇ ଦାମୋଦରପୁର ସ୍ଥିତ ହାଟକୁ ଯାଇଥିଲେ। ହାଟ ସମ୍ମୁଖ ରାସ୍ତା କଡ଼ରେ ବାଇକଟି ପାର୍କିଂ କରିଥିଲେ। ହାଟ କରି ଫେରିବା ପରେ ସେ ବାଇକଟିକୁ ପାଇ ନ ଥିଲେ। ପରେ ସେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ବାଇକଟି ପାଇନଥିଲେ। ଶେଷରେ ସେ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ମଦ ଜବତ; ମହିଳା ଗିରଫ

ବାରିପଦା, ୧୯ ।୬(ସମିସ):ଭଞ୍ଜପୁର ଥାନା ପୁଲିସ ପୁଣି ବେଆଇନ ମଦ ଜବତ କରିଛି। ଏଥି ସହିତ ଉକ୍ତ କାରବାରରେ ସମ୍ପୃକ୍ତ ଥିବା ଜଣକୁ ପୁଲିସ ଗିରଫ କରିଛି। ମହିଳା ଅଭିଯୁକ୍ତ ଜଣକ ହେଲା ଭଞ୍ଜପୁର ଥାନା ଅନ୍ତର୍ଗତ ଯମୁନାଦେଇପୁର ଅଞ୍ଚଳର ଚାନ୍ଦିନୀ ହାଁସଦା (୪୪)। ସୂଚନା ଅନୁଯାୟୀ, ପୁଲିସ ପକ୍ଷରୁ ପାଟ୍ରୋଲିଂ କରୁଥିବାବେଳେ ଚଢଉ କରିଥିଲା। ପରେ ଯମୁନାଦେଇପୁର ଅଞ୍ଚଳରୁ ମୁର୍ଗାବାଡ଼ି ଗୋଳେଇ ଆଡ଼କୁ ଯାଉଥିବା ମହିଳାଙ୍କୁ ଅଟକାଇ ଚଢ଼ଉ କରିଥିଲେ। ତାଙ୍କ ପାଖରୁ ୧୦ଲିଟରରୁ ଅଧିକ ଦେଶୀ ମଦ ଜବତ ହୋଇଛି।

## ଆନନ୍ଦପୁର ପ୍ରେସ୍ ଫୋରମ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ଆନନ୍ଦପୁର,୧୯।୬(ସମିସ):** ଆନନ୍ଦପୁର ପ୍ରେସ ଫୋରମ ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉପଖଣ୍ଡକୁ ରେଳ ସଂଯୋଗ, ଉପଖଣ୍ଡ ଚିକିତ୍ସାଳୟରେ ଉନ୍ନତମାନର ରୋଗୀ ଯନ୍ତ୍ରପାତି ସମେତ ବିଭିନ୍ନ ରୋଗର ବିଶେଷଜ୍ଞ ଓ ପାରା ମେଡିକାଲ ଷ୍ଟାଫର ଅଭାବ, ଆନନ୍ଦପୁର-ଘସିପୁରାକୁ ସଂଯୋଗ ନେଇ ବୈତରଣୀ ନଦୀରେ ଝୁଲାପୋଲ ଏବଂ ଅଧପନ୍ତରିଆ ୨୦ନଂ ଜାତୀୟ ରାଜପଥ କାର୍ଯ୍ୟକୁ ତ୍ୱରାନ୍ୱିତ ସକାଶେ ପ୍ରେସ ଫୋରମର ସଭାପତି ଉମେଶ ଚନ୍ଦ୍ର ପାଢୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲ୍ଲାପାଳ ତପନ କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ପ୍ରେସ ଫୋରମର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସିବା ଘଟଣାର ତଦନ୍ତ ଆରମ୍ଭ



**ଆନନ୍ଦପୁର,୧୯।୬(ସମିସ):** ଘଷିପୁରା ବ୍ଲକ ବରିପାଳ ପଞ୍ଚାୟତର ରଙ୍ଗ ମାଟିଆ ପ୍ରାଥମିକ ବିଦ୍ୟାଳୟରେ ଗତକାଲି ଛାତରୁ ପ୍ଲାଷ୍ଟର ଖସିବା ଘଟଣାକୁ ନେଇ ଗ୍ରାମବାସୀ ଓ ଅଭିଭାବକ ଅଭିଯୋଗ କରିଥିଲେ। ଆଜି ଘଷିପୁରା ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ସାମଲ ଓ ବରିପାଳ ସରପଞ୍ଚ ପଦ୍ମଲୋଚନ ସା ବିଦ୍ୟାଳୟକୁ ଯାଇ ଶ୍ରେଣୀ ଗୃହ ବୁଲି ଦେଖିଥିଲେ ।ବିଦ୍ୟାଳୟକୁ ଆସିଥିବା ୧ ଲକ୍ଷ ୫୦ ହଜାର ଟଙ୍କା କାର୍ଯ୍ୟ ହୋଇନାହିଁ। କେବଳ ଫଳକ କରାଯାଇଛି ।କାର୍ଯ୍ୟ ଆରମ୍ଭ କରାଯିବ। ନିଜେ ଉପସ୍ଥିତ ରହି କାମକୁ ଉନ୍ନତ ମାନର କାମ କରାଯିବ। ଯେ ହେତୁ ନିର୍ବାଚନ ଥିଲା ତେଣୁ କୌଣସି କାର୍ଯ୍ୟ ହୋଇନାହିଁ ବୋଲି ତଦନ୍ତ କରି କହିଛନ୍ତି କନିଷ୍ଠ ଯନ୍ତ୍ରୀ ପ୍ରଦୀପ ସାମଲ। ମିଳିଥିବା ଅନୁଦାନରେ ଯଦି ମରାମତି କାର୍ଯ୍ୟ ହୋଇନାହିଁ ତେବେ ରଙ୍ଗ ମରାଯାଇଥିଲା କାହିଁକି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ହୋଇଛି ।

● ମୋବାଇଲ ଦୋକାନରୁ ଚୋରି ଉଦ୍ୟମ ବିଫଳ

## ପୁଲିସ ପାଟ୍ରୋଲିଂ ପାଇଁ ଦାବି

**ତେଲକୋଇ ,୧୯ ।୬(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବଜାର ଅଞ୍ଚଳରେ ଚୋରଙ୍କ ସକ୍ରୀୟତା ଦେଖିବାକୁ ମିଳିଛି। ବଜାର ଅଞ୍ଚଳରେ ଥିବା ଏକ ମୋବାଇଲ ଦୋକାନରୁ ଚୋରୀ ଉଦ୍ୟମ ହୋଇଥିବା ବେଳେ ତାହା ବିଫଳ ହୋଇଛି ।ତେବେ ସୂଚନା ମୁତାବକ ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତେଲକୋଇ ବଜାରରେ ଥିବା "ପ୍ରଧାନ ମୋବାଇଲ ଷ୍ଟୋର'ର ସଟର ଚାବି ଭାଙ୍ଗିବାକୁ ଉଦ୍ୟମ କରିବା ସହିତ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ ।ଏହା ସହିତ ବାହାରେ ଥିବା ସିସି କ୍ୟାମେରାର ସଂଯୋଗକୁ ମଧ୍ୟ ବିଚ୍ଛିନ୍ନ କରି ଦେଇଥିଲେ। ସଟରରେ ଲାଗିଥିବା ଚାବିକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ ।ମାତ୍ର ଚାବି ଭାଙ୍ଗି ନଥିବାରୁ ଚୋରଙ୍କ ଉଦ୍ୟମ ବିଫଳ ହୋଇଥିଲା। ତେବେ ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପେଟ୍ରୋଲିଂ ହେଉ ନଥିବାରୁ କିଛି ଦିନର ବ୍ୟବଧାନ ପରେ ଚୋରମାନଙ୍କ ପ୍ରାର୍ଦୁଭାବ ପରିଲକ୍ଷିତ ହୋଇଛି ।ଯାହା ଫଳରେ ଧନ ଜୀବନ ସୁରକ୍ଷାକୁ ନେଇ ଲୋକେ ଚିନ୍ତାରେ ପଡ଼ି ଯାଇଛନ୍ତି। ଅନ୍ୟପଟେ ତେଲକୋଇ ଅଞ୍ଚଳରେ ବିଗତ ଦିନରେ ହୋଇଥିବା ଚୋରୀ,ରାହାଜାନୀ ମାମଲାରେ ପୁଲିସକୁ ସେତେଟା ସଫଳତା ମିଳି ନଥିବା ବେଳେ ପୁଣି ଚୋର ସକ୍ରିୟ ହେବା ଲୋକଙ୍କ ନିଦ ହଜାଇ ଦେଇଛି। ତେବେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପାଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହୋଇଛି।

# ଅସହ୍ୟ ଗ୍ରୀଷ୍ମରେ ପାଣି ପାଇଁ ହାତୀପଲ ଉହକବିକଳ

ତୁରୁମୁଙ୍ଗା,୧୯ ।୬(ସମିସ)



କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ୨୭ଟି ହାତୀ ଚଳପ୍ରଚଳ କରୁଥିବା ବେଳେ ୪ ଦିନ ହେବ ଏହି ହାତୀପଲ ଉଭୟ ପାଟଣା ଓ କରଞ୍ଜିଆ ରେଞ୍ଜ ଅଞ୍ଚଳରେ ଆତଙ୍କ ଖେଳାଇ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି ।ଏହି ହାତୀପଲ ଦିନବେଳା କରଞ୍ଜିଆ ରେଞ୍ଜର ବଡ଼ ଦେଉଳି ଜଙ୍ଗଲରେ ରହୁଥିବା ବେଳେ ସଂଧ୍ୟା ହେଲେ ପାଟଣା ରେଞ୍ଜର ସାହାରପଡା ସେକ୍ସନକୁ ପ୍ରବେଶ କରି ଆତଙ୍କ ଖେଳାଇବା ସହ ପନି ପରିବା ଓ ଧାନ ଚାଷ ନଷ୍ଟ କରୁଛନ୍ତି। ହାତୀପଲ ବୁଧବାର ସକାଳୁ ପାଟଣା ରେଞ୍ଜ ସାହାରପଡା ସେକ୍ସନ ଉଦୟପୁର ବିଟ୍ ଅଧିନ ହରିଚନ୍ଦନପୁର ଗାଁ ନିକଟ ଜଙ୍ଗଲରେ ଡେରା ପକାଇଥିବା ବେଳେ ଖୁଣ୍ଟାପିଙ୍ଗୁ ଗାଁ ନିକଟରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ପ୍ରଚଣ୍ଡ ରୌଦ୍ର୍ୟତାପ ଯୋଗୁଁ ତୃଷାର୍ତ୍ତ ହାତୀ ଏକ ପୋଖରୀକୁ ଜଳ କ୍ରୀଡା ସହ ପାଣି ପିଇବାକୁ ପ୍ରବେଶ କରିଥିଲେ। କିନ୍ତୁ ପୋଖରୀରେ ଆବଶ୍ୟକ ମୁତାବକ ପିଇବା ଓ ଗାଧୋଇବା ପାଇଁ ପାଣି ନଥିବା ଯୋଗୁଁ ଘଣ୍ଟା ଘଣ୍ଟା ଅପେକ୍ଷା କରିଥିଲେ। ମାତ୍ର ପାଣି ନଥିବାରୁ ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ପାଇଁ କିଛି ହାତୀ ପଙ୍କରେ ଗଡିବାର ଅଭାବନୀୟ ଦୃଶ୍ୟ ଦେଖିବାବାକୁ ମିଳିଥିଲା। ଯାହା ପଶୁପ୍ରେମୀଙ୍କ ମନରେ ଆଘାତ ଆଣିଛି ।ଏପରି ଦୃଶ୍ୟ ପୂର୍ବରୁ କେବେ ଦେଖି ନଥିବା କହିଥିବା ବେଳେ ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବନ୍ୟ ଜନ୍ତୁ ବି ବର୍ତ୍ତି ପାରୁ ନଥିବା ପଶୁପ୍ରେମୀକହିଛନ୍ତି। ଏନେଇ ଅବସରପ୍ରାପ୍ତ ରେଞ୍ଜର ଟିକେଶ୍ୱର ମହାନ୍ତ କହିଛନ୍ତି ଗୋଟେ ହାତୀ ପାଇଁ ଦୈନିକ ଦେଢ଼ କ୍ୱିଣ୍ଟାଲରୁ ଅଧିକ ଖାଦ୍ୟ ଏବଂ ଯଥେଷ୍ଟ ଅବଶ୍ୟକତା ରହିଥିବା ବେଳେ ପିଇବା ପାଣି ଆବଶ୍ୟକତା ରହିଛି। ଦୈନିକ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଗାଧୋଇବାର ଆବଶ୍ୟକତା ରହିଛି। ହାତୀ ପ୍ରତ୍ୟେକ ଦିନ ନ ଗାଧୋଇଲେ ଅଂଶୁଘାତର ଶିକାର ହେବାର ମଧ୍ୟ ସମ୍ଭାବନା ରହିଥାଏ ବୋଲି ସେ କହିଛନ୍ତି। ତେବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପୋଖରୀ ଗୁଡ଼ିକରେ ପାଣି ନଥିବାରୁ ହାତୀଙ୍କ ସହ ଅନ୍ୟ ବନ୍ୟଜନ୍ତୁ ମଧ୍ୟ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ବ୍ୟାପକ ଜଙ୍ଗଲ ନଷ୍ଟ କାରଣରୁ ଖାଦ୍ୟର ଅଭାବ ଯୋଗୁଁ ହାତୀ ଗାଁ ମୁହାଁ ହେଉଛନ୍ତି। କିନ୍ତୁ ଆବଶ୍ୟକ ଅନୁସାରେ ଖାଦ୍ୟ ନ ପାଇବାରୁ ଜନବସତି ମୁହାଁ ହେବା ସହ ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରୁଛନ୍ତି। ଏଥି ସହ ହାତୀଙ୍କୁ ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ଜମାଇ ହାତୀର ଚଲାପଥକୁ ଅବରୋଧ କରୁଥିବାରୁ ହାତୀପଲ ଚଳ ପ୍ରଚଳ ନ କରିପାରି ହିଂସ୍ର ହେଉଛନ୍ତି। ଅନ୍ୟପଟେ ହାତୀଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ଆଇନ ପ୍ରଣୟନ କରିବା ସହ ହାତୀ ମାନଙ୍କ ଖାଦ୍ୟର ଅଭାବ ଦୂର କରିବା ପାଇଁ ହାତୀଙ୍କ ଚଲାପଥ କଡ଼ରେ ଏବଂ ଜଙ୍ଗଲରେ ବାଉଁଶ, ଅଶ୍ୱତ୍ଥ ,କୁମ୍ଭୀ, ଚାର, କେନ୍ଦୁ କଦଳୀ ଗଛ ସହ ସଂରକ୍ଷିତ ଜଙ୍ଗଲ ରେ ପୋଖରୀ ଖୋଳାଯାଇ ଜଳାଶୟ କରାଯିବାର ଆବଶ୍ୟକତା ଥିବା ବେଳେ କାମ୍ପା ଏବଂ ଅମ୍ବାଡିସି ଯୋଜନାରେ ପୂର୍ବରୁ ଜିଲ୍ଲାର ବିଭନ୍ନ ରେଞ୍ଜରେ ଏସବୁ ଗଛ ଲଗାଯାଇଥିବା ବେଳେ ପାଟଣା ରେଞ୍ଜ ରେ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଏ ଅଞ୍ଚଳକୁ ହାତୀ ଆସିଲେ ହାତୀପଲଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ଅଭାବ ଦେଖାଦେଉଛି। ଫଳରେ ହାତୀପଲ ହିଂସ୍ର ହୋଇ କ୍ଷୟକ୍ଷତି କରୁଥିବା ଆଜିର ଏହି ଦୃଶ୍ୟ ବୟାନ ହିଁ କରୁଛି । ଏଥିପ୍ରତି ସରକାର ଦୃଷ୍ଟିଦେବା ଜରୁରୀ ବୋଲି ପଶୁପ୍ରେମୀ କହିଛନ୍ତି ।ଏନେଇ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାରଙ୍କୁ ପଚାରିବାରୁ ଲୋକଙ୍କ ଭିଡ଼ ଯୋଗୁଁ ହାତୀଙ୍କୁ ଘଉଡାଇବାରେ ବିଫଳ ହେଉଛନ୍ତି। ଅଯଥାରେ ଲୋକେ ହାତୀ ଦେଖିବାକୁ ଭିଡ଼ ନ ଜମାଇବାକୁ ଜନ ସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ବିପଜ୍ଜନକ ବାଉଁଶ ପୋଲରେ ଯାତାୟାତ



**ଚମ୍ପୁଆ,୧୯।୬(ସମିସ):** ଚମ୍ପୁଆ ବ୍ଲକ ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତର କାଟୁଲିକନାଠାରେ ବୈତରଣୀ ନଦୀ ଉପରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ବାଉଁଶ ପୋଲ ଉପରେ କରଞ୍ଜିଆ, ଚନ୍ଦ୍ରଶେଖରପୁର, ବଡନଇ ଓ ସରେଇ ଆଦି ପଞ୍ଚାୟତବାସୀମାନେ ନିର୍ଭର କରୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ମୟୂରଭଞ୍ଜ ଓ କେନ୍ଦୁଝରର ଲାଇଫଲାଇନ ଭାବେ ପରିଚିତ ବୈତରଣୀ ନଦୀ। କେନ୍ଦୁଝର ଜିଲ୍ଲା ସହ ମୟୂରଭଞ୍ଜ ଜିଲ୍ଲାକୁ ସଂଯୋଗ କରିଛି କରଞ୍ଜିଆ ପଞ୍ଚାୟତର କାଟୁଲିକନା ଠାରେ ଥିବା ବାଉଁଶ ପୋଲ। ଏହି ପୋଲ ଉପରେ ମୟୂରଭଞ୍ଜଠାରୁ ଆରମ୍ଭ କରି ଚମ୍ପୁଆ ବ୍ଲକର ଉପରୋକ୍ତ ପଞ୍ଚାୟତବାସୀମାନେ ଦୈନନ୍ଦିନ ନିର୍ଭର କରିଆସୁଛନ୍ତି। ଉପରୋକ୍ତ ପଞ୍ଚାୟତର ଲୋକମାନେ ମୟୂରଭଞ୍ଜ ଅଞ୍ଚଳକୁ ଯିବାକୁ ହେଲେ ଚମ୍ପୁଆ ଦେଇ ଯାତାୟତ କରୁଥିବା ବେଳେ ପ୍ରାୟ ୨୦ ରୁ ୨୨ କି.ମି. ବୁଲି ଯିବାକୁ ପଡୁଛି। ମାତ୍ର ଉକ୍ତ ବାଉଁଶ ପୋଲ ଦେଇ ଯାତାୟତ କଲେ ପ୍ରାୟ ଅଧାରୁ ଅଧିକ କିମି. ରାସ୍ତା କମି ଯାଉଛି। ମୟୂରଭଞ୍ଜ ଓ କେନ୍ଦୁଝରର ସାଂସ୍କୃତିକ ସମନ୍ୱୟ ଓ ପାରଂପାରିକ ପ୍ରଥା ସମାନ ରହୁଥିବା ବେଳେ ମୟୂରଭଞ୍ଜ ଓ କେନ୍ଦୁଝରବାସୀଙ୍କ ମଧ୍ୟରେ ପାରିବାରିକ ସଂପର୍କ ମଧ୍ୟ ରହିଆସୁଛି। ଫଳରେ ଦୈନନ୍ଦିନ କାର୍ଯ୍ୟଠାରୁ ଆରମ୍ଭ କରି ମୟୂରଭଞ୍ଜ ଓ କେନ୍ଦୁଝର ଉପରେ ନିର୍ଭର କରୁଥିବା ଲୋକମାନେ ଏହି ବାଉଁଶ ପୋଲକୁ ଭରଷା କରିଚାଲିଛନ୍ତି। କେବଳ ୨ ଚକିଆ ଯାନ ଓ ପାଦ ଚଲା ପୋଲ ଭାବେ ଏହି ପୋଲ ବ୍ୟବହାର କରାଯାଉଥିବା ବେଳେ ଲୋକଙ୍କ ଯାତାୟତ ସୁବିଧାକୁ ଲକ୍ଷ୍ୟ କରି ପୋଲ ମରାମତି ନିମିତେ ସ୍ୱଳ୍ପ ଅର୍ଥ ଆଦାୟ କରାଯାଉଥିବା ଜଣାଯାଇଛି। ଚମ୍ପୁଆ ଦେଇ ମୟୂରଭଞ୍ଜ ଯିବାକୁ ସମୟ ସାପେକ୍ଷ ହୋଇଥିବା ବେଳେ ଏହି ପୋଲ ଦେଇ ଗଲେ କମ ସମୟ ମଧ୍ୟରେ ପହଞ୍ଚିପାରୁଥିବା ସ୍ଥାନୀୟ ଲୋକ ସୂଚନା ଦେଇଛନ୍ତି। ଚମ୍ପୁଆ ବ୍ଲକର ଚନ୍ଦ୍ରଶେଖରପୁର ସରପଞ୍ଚ ଜୟମଣି ନାଏକ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା ପ୍ରମୁଖ କହିବା ଅନୁସାରେ ଏଠାରେ ପୋଲ ନିର୍ମାଣ କଲେ ମୟୂରଭଞ୍ଜ ଅଞ୍ଚଳକୁ ଯାତାୟତ ପାଇଁ ବହୁ ସୁବିଧା ହୁଅନ୍ତା ଏବଂ ପଞ୍ଚାୟତବାସୀ ଏହାର ସୁଫଳ ପାଇପାରନ୍ତେ। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ସାଧାରଣରେ ପଞ୍ଚାୟତବାସୀ ଉପକୃତ ହୁଅନ୍ତେବୋଲି ସେ ମତପ୍ରକାଶ କରିଛନ୍ତି।

## ପୂର୍ତ୍ତ ବିଭାଗର ଅବହେଳା; ରାସ୍ତାରେ ଆବର୍ଜନା ପାଣି



**ତେଲକୋଇ,୧୯ ।୬(ସମିସ):** ପୂର୍ତ୍ତ ବିଭାଗର ଚରମ ଅବହେଳା ।ଡ୍ରେନ ବନ୍ଦ ଯୋଗୁଁ ରାସ୍ତାରେ ଚାଲୁଛି ପୁତିଗନ୍ଧମୟ ଦୂଷିତ ପାଣି ।ତେଲକୋଇ ମୁଖ୍ୟାଳୟ ବଜାର ମଧ୍ୟରେ ଦେଖିବାକୁ ମିଳିଛି ଏଭଳି ଘଟଣା ।ସୂଚନା ଅନୁଯାୟୀ ତେଲକୋଇ ବଜାରର କାଳିଆହତା ରାସ୍ତାରେ ଗୋଟିଏ ପାଣି ଟାଙ୍କି ରହିଛି ଏବଂ ତାର ବଳକା ପାଣିକୁ ପୂର୍ତ୍ତ ବିଭାଗ ଡ୍ରେନରେ ଯିବା ପାଇଁ ବ୍ୟବସ୍ଥା ରହିଛି। ହେଲେ ବହୁ ଦିନ ଧରି ଡ୍ରେନକୁ ମରାମତି କରା ନଯିବା ଫଳରେ ଡ୍ରେନଟି ଜାମ ହୋଇ ପଡିରହିଛି। ଯାହା ଫଳରେ ପାଣି ନିଷ୍କାସନ ହୋଇନପାରି ରାସ୍ତାରେ ପାଣି ଚାଲୁଛି। ଫଳରେ ଯାତାୟତ ବାଧାପ୍ରାପ୍ତ ହେବା ସହ ଲୋକେ ଦୂଷିତ ଗନ୍ଧଯୁକ୍ତ ପାଣି ଉପରେ ଚାଲିବାକୁ ବାଧ୍ୟ ହେଉଛନ୍ତି। ସେପଟେ ନିକଟସ୍ଥ ଦୋକାନୀମାନେ ମଧ୍ୟ ଗନ୍ଧମୟ ପରିବେଶ ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ତେଲକୋଇ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଅଧିକାରୀମାନେ ରହୁ ନଥିବାରୁ ସମସ୍ୟାର ସୁଧାର ହେଉନଥିବା ପ୍ରଗତିଶୀଳ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି।

ଜଳକଷ୍ଟ ଭୋଗୁଛନ୍ତି ପର୍ଶଳାବାସୀ

## ଅଭିଯୋଗ ପରେ ବି ପଦକ୍ଷେପ ଶୂନ୍



**ଚମ୍ପୁଆ,୧୯।୬(ସମିସ):** ଚମ୍ପୁଆ ବ୍ଲକର ପର୍ଶଳା ପଞ୍ଚାୟତରେ ଦୀର୍ଘ ଦିନରୁ ପାନୀୟ ଜଳର ସମସ୍ୟା ଲାଗିରହିଥିଲେ ମଧ୍ୟ ଏହାର ସମାଧାନ ହୋଇପାରି ନାହିଁ। ଫଳରେ ଲୋକେ ସୀମିତ ନଳକୂପରୁ ପାଣି ବ୍ୟବହାର କରି ପାନୀୟ ଜଳ କଷ୍ଟ ମେଣ୍ଟ। ।ଉଥିବା ସ୍ଥାନୀୟ ସରପଞ୍ଚ ଲିଳାବତୀ ମୁଣ୍ଡା ସୂଚନା ଦେଇଛନ୍ତି। ସରପଞ୍ଚଙ୍କ କହିବା ଅନୁଯାୟୀ ବଜାର ମଧ୍ୟରେ ଥିବା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଥିବା ବେଳେ ସୋଲାର ମାଧ୍ୟମରେ ବୋରିଂ ପାଣି ବହୁ ପୂର୍ବରୁ ଯୋଗାଇ ଦିଆଯାଉଥିଲା। ମାତ୍ର ସୋଲାର ପ୍ଲେଟ ଚୋରି ହୋଇଯିବା, ଟ୍ରାନ୍ସଫର୍ମର ଖରାପ ହୋଇପଡିବା ଫଳରେ ଉକ୍ତ ପ୍ରକଳ୍ପଟି ଅଚଳ ହୋଇପଡିରହିଛି। ତେଣୁ ପାନୀୟ ଜଳ ସଙ୍କଟ ଦେଖିବାକୁ ମିଳିଛି। ପଞ୍ଚାୟତବାସୀ ପାନୀୟ ଜଳ ପାଇଁ ବାରମ୍ବାର ମୋତେ ଅଭିଯୋଗ କରୁଛନ୍ତି କିନ୍ତୁ ମୁଁ ବିଭାଗୀୟ ଅଧିକାରୀ ମାନଙ୍କୁ ଏ ବିଷୟରେ ଅବଗତ କଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଆଜି ହେବ କାଲି ହେବ କହି ସମୟ ଗଡାଇ ଚାଲିଛନ୍ତି। ଅନ୍ୟପକ୍ଷରେ ଏହି ପାନୀୟ ଜଳ ସମସ୍ୟାକୁ ନେଇ ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ କରନ ସୋରେନଙ୍କୁ ପଚାରିବାରୁ କହିଛନ୍ତି ଯେ ଏ ବିଷୟରେ ଆମେ ଅବଗତ ଅଛୁ। ବସୁଧା ଦ୍ୱିତୀୟ ପର୍ଯ୍ୟାୟ ଯୋଜନାରେ ସମସ୍ତ ଘରକୁ ପାନୀୟ ଜଳ ଯୋଗାଣ ପାଇଁ ଆବଶ୍ୟକ ପାଇପ ସଂଯୋଗ କରାଯାଇସାରିଛି। କେତେକ ସ୍ଥାନରେ ମୁଖ୍ୟ ପାଇପ ସଂଯୋଗ କାର୍ଯ୍ୟ ବାକି ଅଛି। ରଜ ଛୁଟି ପାଇଁ କାର୍ଯ୍ୟରେ ବିଳମ୍ବ ହୋଇଥିଲେ ହେଁ ୧୦ ରୁ ୨୦ ଦିନ ଭିତରେ ରିମୁଳି ଜାମୁନାଳିଆଠାରେ ଥିବା ପ୍ରକଳ୍ପରୁ ନିୟମିତ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

## ସିକିଲ୍‌ସେଲ ସଚେତନତା ଶିବିର

**ପାଟଣା, ୧୯ ।୬(ସମିସ):** ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର ନାୟକଙ୍କ ଅଧକ୍ଷତାରେ ବିଶ୍ୱ ସିକିଲସେଲ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଡିଓ ଶିବ ଶଙ୍କର ମୁର୍ମୁ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ ଚନ୍ଦ୍ର ଅମାନ୍ତ ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଶିବିର ୧୫ ଦିନ ଧରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ସମସ୍ତ ଉପ କେନ୍ଦ୍ରଗୁଡିକରେ ସିକିଲସେଲ ରୋଗ ଓ ରକ୍ତହୀନତାରୁ ମୁକ୍ତ ପାଇଁ ଜନ ସାଧାରଣଙ୍କୁ ସଚେତନତା ସୃଷ୍ଟି କରାଯିବ ।ଏଥିରେ ବିପି ଏମ ଦୀପକ ନାୟକ, ବ୍ଲକ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ରଞ୍ଜିତା ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ସିକିଲ୍‌ସେଲ୍ ସଚେତନତା ଦିବସ

କେନ୍ଦୁଝର,୧୯।୬(ସମିସ)




ଜିଲ୍ଲାସ୍ତରୀୟ ବିଶ୍ୱ ସିକିଲସେଲ୍ ସଚେତନତା ଦିବସ-୨୦୨୪ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କିଠାରେ ବୁଧବାର ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ଚରଣ ନାୟକ ଯୋଗଦେଇ ସିକିଲ୍ ସେଲ୍ ରୋଗର ନିରାକରଣ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ନିଜ ମଧ୍ୟରେ ସଙ୍କୋଚ ବା ଲଜ୍ୟା ନକରି ସମସ୍ତେ ପରୀକ୍ଷା କରାଇନେବା ଉଚିତ୍ ବୋଲି ସେ ସମସ୍ତଙ୍କୁ ନିବେଦନ କରିଥିଲେ। ଯଦି ସିକିଲ ସେଲ ରୋଗ ଚିହ୍ନଟ ହୁଏ ତେବେ ତାହାର ପ୍ରତିକାର ପାଇଁ ବିନା ମୂଲ୍ୟରେ ଡାକ୍ତରଖାନାରେ ଉପଲବ୍ଧ ବୋଲି କହିଥିଲେ। ଏହାର ସୁଯୋଗ ଦେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ନିକୁ ସାହୁ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ ଯେ ପରିବାରର ସମସ୍ତ ସଦସ୍ୟ ଏ ବିଷୟରେ ସଚେତନ ହୋଇ ଏ ରୋଗର ପରୀକ୍ଷା କରି ନିର୍ଭୟରେ ରହିଲେ ପରିବାର ଭଲରେ ରହିବ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି ସିକିଲ ସେଲ୍ ରୋଗ ବିଷୟରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, କେନ୍ଦୁଝର ସଦର ବିଡିଓ ତିଲୋତ୍ତମା ପୃଷ୍ଟି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଗୌର ପ୍ରସାଦ ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡାଃ ନିଲମ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପ୍ରଦୀପ କୁମାର ମିଶ୍ର, ଡିପିଏମ୍. ଏନ୍‌ଏଚ୍‌ଏମ୍. ନିତ୍ୟରଞ୍ଜନ ବରାଳ, କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥାନ ଭୁବନେଶ୍ୱରର ଡାଃ ପୂର୍ଣ୍ଣେନ୍ଦୁ ପଣ୍ଡା, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିନ୍‌ଟେଣ୍ଡେଣ୍ଟ ଡାଃ ଶିବ ଚରଣ ବାଗ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ପ୍ରଶାନ୍ତ କୁମାର ପଲେଇ ପରିଚାଳନା କରିଥିଲେ। ପ୍ରାରମ୍ଭରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା ଏବଂ ମା'ତାରିଣୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଶେଷରେ ସିକିଲ୍‌ସେଲ ଚିହ୍ନଟ ହୋଇଥିବା ଲୋକଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏଏମ୍. ଏନ୍.ସି.ଡି. ସୁଜାତା କବି, ମାଇକ୍ରବାଇଲଜିଷ୍ଟ୍ ରାଜଶ୍ରୀ ସାହୁ, ବିପିଏମ୍ ଭୁବନେଶ୍ୱରୀ କର, ସୁପରଭାଇଜର ନିରଞ୍ଜନ ବେଜ୍, ଏଲ୍.ଟି. ପ୍ରମୋଦ କୁମାର ସାହୁ, ଏସ୍.ଏ. ଅମ୍ଳାନ କିଶୋର ପରିଡା, ଆକାଉଟାଣ୍ଟ ଦିଲ୍ଲିପକୁମାର ମହାନ୍ତ, ବିଡିଏମ୍ ସୋନାଲି ମୁଦୁଲି, ଫାର୍ମାସିଷ୍ଟ୍ ପ୍ରୀତିମୟୀ ଶ୍ରୀଚନ୍ଦନ ଓ ବିଜୟ କୁମାର ବେହେରା, ଡାକ୍ତର ଅଜୟ କୁମାର ମୁର୍ମୁ, ଡାଃ ସମ୍ବିତ୍ କୁମାର ସାହୁ, ଡାକ୍ତର ଶ୍ରାବଣୀ, ସି.ଏଚ୍.ଓ., ଆଶାକର୍ମୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିନା ଶିକ୍ଷକରେ ଖୋଲିଲା ଉଚ୍ଚ ମାଧ୍ୟମିକ ସ୍କୁଲ

**ତେଲକୋଇ,୧୯ ।୬(ସମିସ):** ଗ୍ରୀଷ୍ମ ଅବକାଶ ପରେ କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ସ୍କୁଲ ଓ କଲେଜର ଛୁଟି ସରିଛି ଓ ସ୍କୁଲ ଖୋଲିଛି। ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ବିଦ୍ୟାଳୟକୁ ଆସିଛନ୍ତି। କିନ୍ତୁ ଜିଲ୍ଲାର ତେଲକୋଇ ବ୍ଲକରେ ଥିବା ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲା ଯାଇଥିଲେ ମଧ୍ୟ ନାଁ ଏଠି ଅଛନ୍ତି ଶିକ୍ଷକ ନାଁ ବିଦ୍ୟାଳୟକୁ ଆସୁଛନ୍ତି ଛାତ୍ରଛାତ୍ରୀ ।ଏହି ବିଦ୍ୟାଳୟରେ ନବମ ଠାରୁ ଦ୍ୱାଦଶ ପର୍ଯ୍ୟନ୍ତ ଶ୍ରେଣୀ ରହିଛି। ତେବେ ଏକାଦଶ ଓ ଦ୍ୱାଦଶ ପାଠ ପଢାଇବାକୁ ନାହାନ୍ତି କୌଣସି ଶିକ୍ଷକ । ଫଳରେ ବିଦ୍ୟାଳୟ ଖୋଲିଥିଲେ ମଧ୍ୟ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସୁନଥିବା ଦେଖିବାକୁ ମିଳିଛି ।୨୦୨୨-୨୩ ମସିହାରେ ଭାରତ ସରକାରଙ୍କ ଶିକ୍ଷା ବିଭାଗର ପ୍ରୋଜେକ୍ଟ ଆପ୍ରୁଭାଲ ବୋର୍ଡଙ୍କ ଦ୍ୱାରା ସମଗ୍ର ଶିକ୍ଷା ଅଭିଯାନରେ ଓଡ଼ିଶାରେ ୫୭ଟି ଉଚ୍ଚ ବିଦ୍ୟାଳୟକୁ ଅପଗ୍ରେଡ଼ କାରାଯାଇ କଳା ପାଠ୍ୟକ୍ରମରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲା ଯାଇଥିଲା। ସେତେବେଳେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ନାମ ଲେଖା ସହିତ ଅତିଥି ଶିକ୍ଷକ ନିଯୁକ୍ତି କରାଯାଇଥିଲା ।ସେହି ପରିପ୍ରେକ୍ଷୀରେ ତେଲକୋଇ ବ୍ଲକ ଗୋଲାବନ୍ଧ ଗାଁ ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୬ ଜଣ ଅତିଥି ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଥିଲା ।ପ୍ରଥମ ବର୍ଷ ଶିକ୍ଷାଦାନ ଠିକ୍‌ଠାକ୍ ଚାଲିଥିଲା। ଏହା ଭିତରେ କିନ୍ତୁ ସରକାରଙ୍କ ପକ୍ଷରୁ ସ୍ଥାୟୀ ଶିକ୍ଷକ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଯେତେବେଳେ ଗ୍ରୀଷ୍ମ ଛୁଟି ଘୋଷଣା ହେଲା ସେତେବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ସମସ୍ତ ୫୭ଟି ଉଚ୍ଚ ମାଧ୍ୟମିକ ସ୍କୁଲକୁ ଅତିଥି ଶିକ୍ଷକଙ୍କୁ କାର୍ଯ୍ୟରୁ ଅନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହାଫଳରେ ନିଯୁକ୍ତି ପାଇଥିବା ଅତିଥିଶିକ୍ଷକଙ୍କୁ କାର୍ଯ୍ୟାନ୍ତର କରାଯାଇଥିଲା। ବର୍ତ୍ତମାନ ସ୍କୁଲ ଖୋଲିଛି କିନ୍ତୁ ଦ୍ୱାଦଶ ପାଠ ପଢାଇବାକୁ କେହି ଶିକ୍ଷକ ନାହାନ୍ତି। ପୁଣି ଥରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଦେଇ ଚୟନ କରାଗଲେ ବହୁ ସମୟ ନେବ ।ଫଳରେ ଛାତ୍ର ଛାତ୍ରୀ ପାଠ ପଢ଼ା ରେ ବହୁ କ୍ଷତି ସହିବେ। ତେଣୁ ସ୍ଥାୟୀ ଶିକ୍ଷକ ଉଚ୍ଚ ମାଧ୍ୟମିକ ସ୍କୁଲ ଗୁଡିକରେ ସରକାର ନକଲା ପର୍ଯ୍ୟନ୍ତ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ପୁନଃ ନିଯୁକ୍ତି କରାଯାଇ ବିଦ୍ୟାଳୟରେ ଶିକ୍ଷାଦାନ କରାଯାଉ ବୋଲି ଅଭିଭାବକମାନେ ଦାବି କରିଛନ୍ତି।



